◆ Bhubaneswar, February 16-28, 2026
◆ ଭୁବନେଶ୍ୱର, ଫେବୃଆରୀ ୧୬-୨୮, ୨୦୨୬
◆ Vol. -09 ◆ Issue -05
◆ ଭାଗ-୦୯ ◆ ସଂଖ୍ୟା-୦୫
◆ Rs. 2.00 /- ◆ Pages: 04
◆ ମୂଲ୍ୟ: ଟ୨.୦୦ ◆ପୃଷ୍ଠା ସଂଖ୍ୟା: ୦୪
◆ପାକ୍ଷିକ ◆FORTNIGHTLY

RNI Regd. No.: ODIODI/2017/74065
email: pratishabda7@gmail.com

# ପ୍ରତିଶବ୍ଦ
The Pratishabda

## ଛାଡ଼ପତ୍ର ବିବାହିତ ଝିଅଙ୍କୁ ମିଳିବ ପରିବାର ପେନସନ



କଟକ : ମାନ୍ୟବର ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ଛାଡ଼ପତ୍ର ବିବାହିତ ଝିଅଙ୍କ ପାଇଁ ଆଣିଛି ନୂଆ ଆଶାର ଆଲୋକ । ନିଷ୍ପତ୍ତି ଅନୁଯାୟୀ ଛାଡ଼ପତ୍ର ବିବାହିତ ଝିଅଙ୍କୁ ମିଳିବ ପରିବାରର ପେନସନ୍ । ଏହି ପ୍ରଥମ ଥର ନିଷ୍ପତ୍ତିକୁ ନେଇ ଅସଂଖ୍ୟ ଛାଡ଼ପତ୍ର ବିବାହିତ ଝିଅଙ୍କ ମଧ୍ୟରେ ନୂଆ ଆଶା ସଂଚାର କରିଛି । ଏଠାରେ ସୂଚନାଯୋଗ୍ୟ, ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ଉପରେ ନିର୍ଭର କରୁଥିବା ଛାଡ଼ପ୍ରାପ୍ତ ବିବାହିତ ଝିଅ ପରିବାର ପେନସନ ପାଇବେ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି । ଯାହା ବେଶ ଯୁଗାନ୍ତକାରୀ ଓ ସମାଜକୁ ଏକ ଉତ୍ତମ ବାର୍ତ୍ତା ପ୍ରଦାନ କରିଛି ।

## ଓଡ଼ିଶାକୁ କେବେ ମିଳିବ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା : ବିଜେଡି

ଭୁବନେଶ୍ୱର :ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିବା ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାରଙ୍କ ଆଭିମୁଖ୍ୟକୁ ନେଇ ଆଜି ବିଜୁ ଜନତା ଦଳ ପ୍ରଶ୍ନ ଉଠାଇବା ସହିତ ରାଜ୍ୟ ସରକାରଙ୍କୁ ଘେରିଛି ।

ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ରାଜ୍ୟସଭା ସାଂସଦ ତଥା ଜାତୀୟ ମୁଖପାତ୍ର ଶ୍ରୀ ସସ୍ମିତ ପାତ୍ର କହିଥିଲେ, ଓଡିଶା ପାଇଁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇ ଆସିଛି । ନବୀନ ବାବୁଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ସରକାର ଦ୍ୱାରା ନିୟମିତ ଭାବରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ଦୃ? ଦାବି କରାଯାଇ ଆସୁଛି । ୨୦୧୨ ମସିହାରେ, ଦିଲ୍ଲୀର ଲାଲକିଲ୍ଲା ପଡିଆରେ, ଏକ ବିଶାଳ ଜନସଭା ଆୟୋଜନ କରି ଏହି ଦାବିକୁ ଭାରତ ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା । ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଭାବେ ଜଣା ଥିବା ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିଲେ, ଓଡିଶାରେ ଭିତିଭୂମିର ବିକାଶ, ଜନଜାତି ସମ୍ପ୍ରଦାୟର ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବାରେ ସହାୟକ ହେବ ବୋଲି ଯୁକ୍ତି କରାଯାଇ ଆସୁଛି । ପରେ, ୨୦୧୪ ମସିହାର ବିଧାନସଭା ନିର୍ବାଚନରେ, ବିଜେପି ଏହାର ନିର୍ବାଚନ ଇସ୍ତାହାରରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ ଦାବି କରିବ ଓ ଏହି ଦାବି ହାସଲ ପର୍ଯ୍ୟନ୍ତ ନିରନ୍ତର ସଂଗ୍ରାମ ଜାରି ରଖିବ ବୋଲି ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ, ବିଡମ୍ବନାର ବିଷୟ, ରାଜ୍ୟରେ କ୍ଷମତାକୁ ଆସିବାର ଦୁଇ ବର୍ଷ ପୂରିବାକୁ ଯାଉଥିବା ବେଳେ, ବିଜେପି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ନେଇ ସମ୍ପୂର୍ଣ୍ଣ ନିରବ ରହିଛି । ନିକଟରେ, ରାଜ୍ୟସଭାରେ ଏକ ଅଣତାରକା ପ୍ରଶ୍ନରେ ଶ୍ରୀ ସସ୍ମିତ ପାତ୍ରଙ୍କ ଦ୍ୱାରା ସରକାରଙ୍କୁ ପଚରାଯାଇଥିଲା । ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ କୌଣସି ପ୍ରସ୍ତାବ ରହିଛି କି, ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ତାଙ୍କର ଉତ୍ତରରେ, ଏଭଳି କୌଣସି ପ୍ରସ୍ତାବ ନାହିଁ ବୋଲି ଜଣାଇଥିଲେ । ତେଣୁ, ରାଜ୍ୟବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ, ଏହି ସମ୍ବନ୍ଧରେ, ରାଜ୍ୟ ବିଜେପି ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ଦରକାର ।

# କେନ୍ଦୁଝରକୁ ଅଭିବୃଦ୍ଧିର କେନ୍ଦ୍ର କରାଯିବ: ମୁଖ୍ୟମନ୍ତ୍ରୀ

(ଜୀତେନ୍ଦ୍ର ପତି)



ଭୁବନେଶ୍ୱର/କେନ୍ଦୁଝର : କେନ୍ଦୁଝର ଜିଲ୍ଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ୍ ଭିତିଭୂମି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ୍ ପାର୍କ ଏବଂ ୧୮୭ କୋଟି ଟଙ୍କାର ବିପର୍ଯ୍ୟାୟ ପୁନରୁଦ୍ଧାର ଏବଂ ଡାଟା ସେଂଟରର ଶିଳାନ୍ୟାସ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ଏକ ବିବିଧ ଶିଳ୍ପ ହବରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଉପସ୍ଥାପନା କରିଛନ୍ତି। କେନ୍ଦୁଝର କେବଳ ଖଣି ଏବଂ ଇସ୍ପାତ ପାଇଁ ଜଣାଯିବ ନାହିଁ। ଆମେ ଏହାକୁ ବହୁବିଧ କ୍ଷେତ୍ର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ର କରିବାକୁ ପ୍ରତିବଦ୍ଧ। ଆମର ଦୃଷ୍ଟିକୋଣ ହେଉଛି ଏକ ସୁନାର କେନ୍ଦୁଝର ନିର୍ମାଣ କରିବା ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି। ସୂଚନା ଥାଉ ଯେ, ୧୦୦ କୋଟି ନିବେଶରେ ବିକଶିତ ହେବାକୁ ଥିବା ଟେକ୍ସଟାଇଲ ପାର୍କରେ ୧,୨୦୦ ଯୁବକଯୁବତୀ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତିଭୂମି ଏବଂ ଲଜିଷ୍ଟିକ୍ ସହାୟତା ସହିତ ହିଣ୍ଡାଲୋ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ୟୁନିଟ୍ ବାର୍ଷିକ ୨୪ଲକ୍ଷ ପୋଷାକ ଉତ୍ପାଦନ କରିବ। ବୟନ ଶିଳ୍ପର ପରିବର୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଶିଳ୍ପଗୁଡିକ ସମୃଦ୍ଧିର ସ୍ତମ୍ଭ। ବିଶେଷକରି ବୟନ କ୍ଷେତ୍ର ମହିଳା ଏବଂ ଯୁବକମାନଙ୍କ ପାଇଁ ବଡ ଧରଣର ନିଯୁକ୍ତି ସୁଯୋଗ ପ୍ରଦାନ କରେ। ସେ ଆହୁରି କହିଥିଲେ ଯେ ଗତ ବର୍ଷ ଜୁଲାଇ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ଓ-ଟେକ୍ସ ଟେକ୍ସଟାଇଲ୍ କନକ୍ଲେଭ୍ ସମୟରେ, ୭,୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ରାଜ୍ୟ ସାରା ୫୩,୦୦୦ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି। ଭଦ୍ରକରେ ଏକ ଟେକ୍ନିକାଲ ଟେକ୍ସଟାଇଲ୍ ପାର୍କ ସହିତ, କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ, କଟକ ଏବଂ ଜଗତସିଂହପୁରଠାରେ ମଧ୍ୟ ସମର୍ପିତ ବୟନଶିଳ୍ପ ଏବଂ ପୋଷାକ ପାର୍କ ପ୍ରତିଷ୍ଠା କରାଯାଉଛି। ଆମର ଯୁବପିଢି ଅନ୍ୟ ରାଜ୍ୟରେ ବୟନ ଶିଳ୍ପକୁ ମଜବୁତ କରୁଛନ୍ତି। ଏବେ ଓଡିଶାରେ ମଧ୍ୟ ସମାନ ସୁଯେଗା ସୃଷ୍ଟି କରାଯିବ ଯାହା ଦ୍ୱାରା ଲୋକାମନେ ନିଜ ଘର ପାଖରେ କାମ କରିପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ଡଉଇଡ ମାଧ୍ୟମରେ ୧୮୭ କୋଟି ଟଙ୍କା ବିନିଯୋଗରେ ଏକ ବିପର୍ଯ୍ୟାୟ ପୁନରୁଦ୍ଧାର ଏବଂ ଡାଟା ସେଂଟର ପାଇଁ ମଧ୍ୟ ଶିଳାନ୍ୟାସ କରିଛନ୍ତି। ଏହି ସୁବିଧା ଭୁବନେଶ୍ୱରରେ ଥିବା ରାଜ୍ୟ ଡାଟା ସେଂଟରର ଏକ ବ୍ୟାକଅପ୍ ଭାବରେ କାର୍ଯ୍ୟ କରିବ ଏବଂ ପ୍ରାକୃତିକ ବିପର୍ଯ୍ୟାୟ କିମ୍ବା ସାଇବର ବିପଦ କ୍ଷେତ୍ରରେ ଡିଜିଟାଲ ଜରିଆରେ ପ୍ରଦାନ କରାଯାଉଥିବା ସରକାରୀ ସେବାର ନିରବଚ୍ଛିନ୍ନ ବିତରଣ ଜାରି ରହିବ। ଏହି ସେବାକୁ ଏକ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ପ୍ରକଳ୍ପ ଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଏହା ତଥ୍ୟାର ଯୁଗ। ଆମର ସରକାର ଅନଲାଇନରେ ୪୦୦ରୁ ଅଧିକ ସେବା ପ୍ରଦାନ କରେ। ନାଗରିକଙ୍କ ତଥ୍ୟ ସର୍ବଦା ସୁରକ୍ଷିତ, ସୁଗମ ଏବଂ ଆମ ନିୟନ୍ତ୍ରଣରେ ରହିବା ଉଚିତ। କେନ୍ଦ୍ର ଡାଟା ସ୍ଥାନୀୟକରଣ ପ୍ରୟାସକୁ ସମର୍ଥନ କରିବ ଏବଂ ରାଜ୍ୟର ଡିଜିଟାଲ ଶାସନ ଢାଂଚାର ସ୍ଥିରତାକୁ ବୃଦ୍ଧି କରିବ। କେନ୍ଦୁଝର କମ୍ ଭୂମିକମ୍ପ-ବିପଦ ପବ ପ୍ରବଣ (ଜୋନ୍ ୨) ହୋଇଥିବା ଯୋଗୁଁ ଏଠାରେ ଏହି ପ୍ରକଳ୍ପ ସ୍ଥାପନ କରାଯାଇଛି। ଏହାଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ଭିତିଭୂମି ନିର୍ମାଣ କ୍ଷେତ୍ରରେ କେନ୍ଦୁଝର କରିଥାଏ ବୋଲି ଅଗ୍ରାଧିକାର ଲାଭ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସନ୍ତୁଳିତ ଆଂଚଳିକ ବିକଶ ଉପରେ ସରକାରଙ୍କ ଧ୍ୟାନକୁ ଦୋହରାଇ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଜିଲ୍ଲାରେ ମନ୍ଦିର ବିକାଶ ପାଇଁ ୩୧୨ କୋଟି ଟଙ୍କର ବ୍ୟୟବରାଦ କରାଯାଇଛି ଏବଂ ମକର ପର୍ବ ସମୟରେ ୧,୯୦୦ କୋଟି ଟଙ୍କାର ପ୍ରକଳ୍ପ ପୂର୍ବରୁ ଆରମ୍ଭ କରାଯାଇଥିଲା। ଏକ ସମୃଦ୍ଧ ଓଡିଶା ଏହାର ଜିଲ୍ଲାଗୁଡିକର ସମୃଦ୍ଧି ମାଧ୍ୟମରେ ଗଢି ଉଠିବ। ଶିଳ୍ପ ଅଭିବୃଦ୍ଧି ଏବଂ ଡିଜିଟାଲ ଶକ୍ତି ଏକ ବିକଶିତ ଭାରତ ଆଡକୁ ଆମର ଯାତ୍ରାର ପ୍ରମୁଖ ବାହକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଝାରସୁଗୁଡ଼ାରେ ଜାତୀୟ ଶିଶୁକନ୍ୟା ଦିବସ ପାଳିତ




ଝାରସୁଗୁଡା ( ନି ପ୍ର) : ଜାତୀୟ ଶିଶୁକନ୍ୟା ଦିବସ ପାଳନ ଅବସରରେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ସମାଜ ମଙ୍ଗଳ ବିଭାଗ ଏବଂ ଜିଲ୍ଲା ନାରୀ ସଶକ୍ତିକରଣ କେନ୍ଦ୍ର ପକ୍ଷରୁ ଏକ ବିଶାଳ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କନ୍ୟା ସନ୍ତାନମାନଙ୍କ ସୁରକ୍ଷା, ଶିକ୍ଷା ଏବଂ ସମାଜରେ ସେମାନଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମାନ୍ୟବର ଜିଲ୍ଲାପାଳ କୁଣାଲ ମୋତିରାମ ଚ୍ହାଣ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ସହରର ବେହେରାମାଲ କିସାନ ଛକଠାରୁ ବାହାରି ଜିଲ୍ଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା, ଯେଉଁଥିରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ।

ଏହି ସଚେତନତା ଶୋଭାଯାତ୍ରାରେ 'ବେଟି ବଚ୍ଚାଓ-ବେଟି ପଢ଼ାଓ' ଏବଂ 'ବାଲ୍ୟ ବିବାହ ମୁକ୍ତ ସମାଜ' ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଲୋଗାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଏବଂ ଉପ-ଜିଲ୍ଲାପାଳ ସବ୍ୟସାଚ୍ୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶିଶୁକନ୍ୟାମାନଙ୍କ ଅଧିକାର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ବିଭିନ୍ନ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲା ହବ୍ ?ର କର୍ମକର୍ତ୍ତାମାନେ ପଦଯାତ୍ରାରେ ସାମିଲ ହୋଇ ଶୃଙ୍ଖଳା ରକ୍ଷା କରିବା ସହ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ପଦଯାତ୍ରାରେ ବିଶେଷ କରି ବେହେରାମାଲ ଆଶ୍ରମ ସ୍କୁଲର ଶିକ୍ଷୟତ୍ରୀ ଓ ୫୦ରୁ ଅଧିକ ଛାତ୍ରୀଙ୍କ ସମେତ ଅଙ୍ଗନବାଡ଼ି କର୍ମୀ, ଓଏସସି, ସେହେଡା, ମହିଳା ସହାୟତା କେନ୍ଦ୍ର ଏବଂ ଚାଇଲ୍ଡ ହେଲ୍ପଲାଇନର କର୍ମକର୍ତ୍ତାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ସମାଜରେ କନ୍ୟା ସନ୍ତାନମାନଙ୍କ ପ୍ରତି ଥିବା ନକାରାତ୍ମକ ମନୋଭାବ ଦୂର କରିବା ଏବଂ ସେମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ପାଇଁ ଏହି ଶୋଭାଯାତ୍ରା ଏକ ଶକ୍ତିଶାଳୀ ବାର୍ତ୍ତା ପ୍ରଦାନ କରିଛି।

## ଝାରସୁଗୁଡ଼ା ଜିଲ୍ଲା ଉପ-ନିବନ୍ଧକଙ୍କ କାର୍ଯ୍ୟଭାର ଗ୍ରହଣ

ଝାରସୁଗୁଡ଼ା( ନି ପ୍ର ) - ଜିଲ୍ଲା ଉପ-ନିବନ୍ଧକ ତଥା ବିବାହ ପଞ୍ଜୀକରଣ ଅଧିକାରୀ ଭାବେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସୁମନ ନାଏକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ୨୦୨୨ ବ୍ୟାଚ୍‌ର ଏହି ପ୍ରଶାସକ ଗତ ୨୧ ତାରିଖରେ ଜାନୁୟାରୀ ଆନୁଷ୍ଠାନିକ ଭାବେ ନିଜର ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି।



କାର୍ଯ୍ୟଭାର ଗ୍ରହଣ କରିବା ଅବସରରେ ଶ୍ରୀ ନାଏକ କହିଛନ୍ତି ଯେ, 'ଝାରସୁଗୁଡ଼ା ଜିଲ୍ଲାର ଜନସାଧାରଣଙ୍କ ସେବା କରିବା ପାଇଁ ସୁଯୋଗ ପାଇଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ଜିଲ୍ଲା ଉପ-ନିବନ୍ଧକ କାର୍ଯ୍ୟାଳୟ ସହିତ ଜଡ଼ିତ ବିଭିନ୍ନ ସରକାରୀ ସେବା, ଜମି ପଞ୍ଜୀକରଣ ଏବଂ ବିବାହ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ଲୋକାଭିମୁଖୀ କରିବା ମୋର ପ୍ରାଥମିକତା ରହିବ। ସାଧାରଣ ଲୋକେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ଶୀଘ୍ର ସେବା ପାଇପାରିବେ, ସେଥିପାଇଁ ମୁଁ ନିଷ୍ଠାର ସହ କାର୍ଯ୍ୟ କରିବି।' ସୂଚନା ଅନୁସାରେ, ଶ୍ରୀ ନାଏକ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିର ମୂଳ ନିବାସୀ।

## ଓପିଜିସିରେ ଗଣତନ୍ତ୍ର ଦିବସ ପାଳିତ

ଝାରସୁଗୁଡ଼ା, (ସ୍ୱ.ପ୍ର): ବନହରପାଲିସ୍ଥିତ ଓଡିଶା ପାୱାର୍ ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍(ଓପିଜିସି) ପକ୍ଷରୁ ଗଣତନ୍ତ୍ର ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଓପିଜିସି ପରିଚ୍ାଳନା ନିର୍ଦ୍ଦେଶକ ଅଞ୍ଜନା ରଞ୍ଜନ ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଶ୍ରୀ ଦାସ ତାଙ୍କ ଅଭିଭାଷଣରେ ରାଜ୍ୟ ତଥା ଦେଶର ଶକ୍ତି ନିରାପତ୍ତାରେ ଓପିଜିସି ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ କର୍ମଚାରୀ ଭାବେ ଅପରେସନ ବିଭାଗର ଦିପକ ମହାନ୍ତି ଓ ମକରଧ୍ୱଜ ସା'ଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଅତିରିକ୍ତ ସହଯୋଗୀ ଗୋବିନ୍ଦ କନ୍‌ଷ୍ଟ୍ରକ୍ସନ୍, ଶିକ୍ଷା ଆତିଥ୍ୟ ସେବା, ମେକଗଲ୍ ନିମୋନେଟିକ୍ କମ୍ପାନି ଏବଂ ଶକ୍ତି କନ୍‌ଷ୍ଟ୍ରକ୍ସନକୁ ପୁରସ୍କୃତ କରାଯାଇଛି।

## ମହିମା ପୀଠର ଉନ୍ନତିକରଣ ଖୁବ୍‌ଶୀଘ୍ର



ଯୋରନ୍ଦା: ଢେଙ୍କାନାଳ ଜିଲ୍ଲାର ଯୋରନ୍ଦା ମହିମାଗାଦିରେ ୧୫୩ତମ ପ୍ରଭୁ ପୂର୍ଣ୍ଣିମା ଉତ୍ସବ ବା ଯୋରନ୍ଦା ମେଳା ଶନିବାର ଆରମ୍ଭ ହୋଇଛି। ପ୍ରସିଦ୍ଧ ଗାଦିମନ୍ଦିର, ଧୁନିମନ୍ଦିର, ଶୂନ୍ୟମନ୍ଦିର, ଅଖଣ୍ଡ ଜ୍ୟୋତି ମନ୍ଦିର ଓ ଦଳକ ଉପାସନା ପୀଠରେ ବୃହତ୍ ଝାଡ଼ ଦର୍ଶନ ପାଇଁ ଓଡ଼ିଶା ସମେତ ପଡୋଶୀ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଆସାମ, ତେଲେଙ୍ଗାନା, ଛତିଶଗଡ଼ ଓ ନେପାଳରୁ ବହୁ ସଂଖ୍ୟକ ସାଧୁସନ୍ଥ ଓ ଭକ୍ତ ଝାଡ଼ଦର୍ଶନ କରିଛନ୍ତି। ଯୋରନ୍ଦା ମହିମାଗାଦି ଅଞ୍ଚଳ ଭକ୍ତିମୟ ହୋଇ ଉଠିଥିବାବେଳେ ସମସ୍ତ ଆଶ୍ରମର ଭଜନ ମଣ୍ଡପରେ ଅହୋରାତ୍ର ଭଜନ ଚ୍ାଲିଛି।

ଏହି କାର୍ଯ୍ୟକ୍ରମରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋରନ୍ଦା ପୀଠ ବିକାଶ ପ୍ରକଳ୍ପ ଶିଳାନ୍ୟାସ କରି କହିଛନ୍ତି ଏଠାରେ ଭବ୍ୟ ମନ୍ଦିର ନିର୍ମାଣ ହେବ । ୨୪୦ କୋଟି ଟଙ୍କାରେ ୨୬୩ ଫୁଟ ଉଚ୍ଚତାର ମନ୍ଦିର ମଧ୍ୟ ନିର୍ମାଣ ହେବ । ଶ୍ରୀ ପାତ୍ର ଆହୁରି କହିଥିଲେ, ଯୋରନ୍ଦାର ମହିମା ପୀଠର ବିକାଶ ସହ ଯୋରନ୍ଦା ମହାବିଦ୍ୟାଳୟର ଉନ୍ନତି ପାଇଁ ୨ କୋଟି ପ୍ରଦ୍ରନା କରାଯାଇଛି । ଏଥିସହ ଢେଙ୍କାନାଳର ବିକାଶ ଆଗେଇ ଚାଲିବ । ଶିଳ୍ପ ସମୃଦ୍ଧ ଜିଲ୍ଲା ଭାବେ ପରିଗଣିତ ହେବ ବୋଲି କହିଥିଲେ ।ଶନିବାର ଭୋରରେ ଗାଦିମନ୍ଦିରରେ ମହିମାସ୍ୱାମୀଙ୍କ ପ୍ରାତଃ ନୀତି ଓ ବେଢ଼ା ପରିକ୍ରମା କରାଯାଇଥିଲା। ସକାଳ ୫ଟା ସୁଦ୍ଧା ମହାପ୍ରଭୁଙ୍କର ଅବକାଶ ସ୍ତୁତି ପ୍ରାର୍ଥନା ଓ ଭିକ୍ଷା ଭଜନ ପାଠପରେ ଅହ୍ଲଣିଆ ମଣ୍ଡପଠାରେ ପ୍ରଭୁଙ୍କ ନିକଟରେ ୭ଜଣ ତ୍ୟାଗୀ ୭ଟି ମାଟିହାଣ୍ଡିରେ ଅହ୍ଲଣିଆ ଅର୍ପଣ କରିଥିଲେ।

## ମହିଳା ଚ୍ଳାଇବେ 'ଆମ ବସ୍'

### ଇଲେକ୍ଟ୍ରିକ୍ ବସ୍ ଚ୍ାଳନା ତାଲିମ ପାଇଁ ପୁଣେ ଗଲେ ୨୦ ଜଣ ମହିଳା ଡ୍ରାଇଭର



ଭୁବନେଶ୍ୱର (ସ୍ୱ ପ୍ର): ସହରାଞ୍ଚଳ ପରିବହନରେ ମହିଳାମାନଙ୍କ ସହଭାଗୀତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ପ୍ରମୁଖ ଏବଂ ସବୁଠାରୁ ନିର୍ଭରଯୋଗ୍ୟ ଜନ ପରିବହନ ବ୍ୟବସ୍ଥା - କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ଏହାର 'ଆମ ବସ୍' ସେବା ପାଇଁ ମହିଳା ଡ୍ରାଇଭରମାନଙ୍କୁ ସାମିଲ କରିବା ଆରମ୍ଭ କରିଛି।

ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପ୍ରଥମ ପର୍ଯ୍ୟାୟରେ, ପୁଣେରେ ଉଚ୍ଚ ମାନର ପ୍ରଶିକ୍ଷଣ ନେବା ପାଇଁ ଭାରୀ ମୋଟର ଯାନ ଲାଇସେନ୍ସ ଥିବା ୨୦ ଜଣ ମହିଳା ଡ୍ରାଇଭରଙ୍କୁ ଚ୍ୟନ କରାଯାଇଛି। ଏହି ପ୍ରଶିକ୍ଷାର୍ଥୀମାନେ ଆଧୁନିକ ଇଲେକ୍ଟ୍ରିକ୍ ବସ୍ ପରିଚ୍ାଳନାରେ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ତାଲିମ ନେବା ପାଇଁ ୩୧ ତାରିଖ ବିମାନ ଯୋଗେ ପୁଣେ ଅଭିମୁଖେ ଯାତ୍ରା କରିଛନ୍ତି।

ପୁଣେ ଯିବା ପୂର୍ବରୁ ମହିଳା ଡ୍ରାଇଭରମାନଙ୍କୁ ମାନ୍ୟବର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚ୍ିବ ଉଷା ପାଢୀ ସମ୍ମାନିତ କରିଥିଲେ ଓ ଶୁଭେଚ୍ଛା ଜଣାଇଥିଲେ। ତାଲିମ କାର୍ଯ୍ୟକ୍ରମକୁ ସଫଳତାର ସହ ସମାପ୍ତ (ପୃଷ୍ଠା-୨ ଦେଖନ୍ତୁ)

## ଓଡ଼ିଆ ଭାଷାରେ ଏକାଦଶ ଶ୍ରେଣୀ ବିଜ୍ଞାନ ସନ୍ଦର୍ଭ ପୁସ୍ତକ ଉନ୍ମୋଚ୍ନ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର( ସ୍ୱ ପ୍ର) : ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚ୍ରଣ ମାଝୀ ଓଡ଼ିଆ ଭାଷାରେ ପ୍ରସ୍ତୁତ ଏକାଦଶ ଶ୍ରେଣୀ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ସନ୍ଦର୍ଭ ପୁସ୍ତକ (Reference Book) ଗୁଡିକ ଗତ ୩୧ ତାରିଖ ଉନ୍ମୋଚ୍ନ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି ପୁସ୍ତକ ଗୁଡିକ ମଧ୍ୟରେ ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନ ମୁଖ୍ୟମନ୍ତ୍ରୀ ଉନ୍ନେଚ୍ନ କରିଛନ୍ତି ।

ସୂଚ୍ନାଯୋଗ୍ୟଯେ, ଓଡ଼ିଆ ଭାଷାରେ ଏହିଭଳି ବହି ଆଗରୁ ନଥିବାରୁ ରାଜ୍ୟ ସରକାର ପ୍ରତ୍ୟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୧୦ ରୁ ୨୦ ଟି ବହି ଯୋଗାଇ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଉଚ୍ଚ ଶିକ୍ଷା ବିଦ୍ୟାଳୟର ଗ୍ରନ୍ଥାଳୟରେ ଏହି ବହି ଉପଲବ୍ଧ ହେବ ଓ ପିଲାମାନେ ଏହାକୁ ପଢ଼ି ପାରିବେ । ଏହି ପୁସ୍ତକ ଗୁଡ଼ିକ ପ୍ରତ୍ୟେକ ଜିଲ୍ଲାର ସଦର ମହକୁମାରେ ବିଭିନ୍ନ ଦୋକାନରେ ଉପଲବ୍ଧ ହେବା ପାଇଁ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପ୍ରଚେଷ୍ଟା କରିବ । ଏହି ପୁସ୍ତକ ସମୁଦାୟ ୭୦୦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧,୨୦, ୦୦୦ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ହେବ ବୋଲି ସୂଚ୍ନା ମିଳିଛି ।

ପରବର୍ତ୍ତୀ ପର୍ଯ୍ୟାୟରେ ଦ୍ୱାଦଶ ଶ୍ରେଣୀ ପାଇଁ ମଧ ଓଡ଼ିଆ ଭାଷାରେ ବିଜ୍ଞାନ (ପୃଷ୍ଠା-୨ ଦେଖନ୍ତୁ)

## ସମ୍ପାଦକୀୟ

# ଅର୍ଥନୈତିକ ସ୍ୱାଧୀନତା

ଆର୍ଥିକ ସ୍ୱାଧୀନତା ହେଉଛି ମଣିଷର ଆଉ ଏକ ବହୁ ଅଭିଳାଷିତ ମୌଳିକ ଆବଶ୍ୟକତା। ଶାନ୍ତିପୂର୍ଣ୍ଣ ବସବାସ ଏବଂ ଜୀବନର କଠିନ ପରିସ୍ଥିତିରେ ସାହାସିକତାର ସହ ସଂଗ୍ରାମ ପାଇଁ ଏହା ଆତ୍ମବିଶ୍ୱାସ ଏବଂ ସାମର୍ଥ୍ୟ ଦେଇଥାଏ। ସ୍ୱାଧୀନତା ଭାବେ ଶ୍ରମ ଓ କାର୍ଯ୍ୟର ବ୍ୟବହାର ନିଷ୍ପତି, ଶ୍ରମ ଫଳାଫଳର ସ୍ୱାଧୀନ ଭାବେ ଉପଭୋଗ, ନିଜର ଏବଂ ଘରୋଇ ନିୟନ୍ତ୍ରଣରେ ଥିବା ସମ୍ପତିର ସ୍ୱାଧୀନତା ଓ ମୁକ୍ତ ବାଣିଜ୍ୟରେ ଅଂଶଗ୍ରହଣ ଆଦି ଅର୍ଥନୈତିକ ସ୍ୱାଧୀନତାର ଅର୍ନ୍ତଭୁକ୍ତ। ଆର୍ଥୀକ ବିକାଶ ବା ପ୍ରଗତି ମୁକ୍ତ ବଜାର ଏବଂ ସ୍ୱାଧୀନା ଜନସାଧାରଣ ହେଉଛନ୍ତି ଦୁଇଟି ବୃହତ ଅପରିହାର୍ଯ୍ୟ ଶକ୍ତି ସ୍ୱାଧୀନ ଭାବେ ବ୍ୟକ୍ତିଗତ, ସାମୁହିକ ଏବଂ ଉତମ ଆର୍ଥୀକ ସ୍ଥିତି ବିକାଶକୁ ପ୍ରୋତ୍ସାହନ ଦେଇଥାଏ। ନିୟୁତ ନିୟୁତ ଲୋକଙ୍କର ବିଶ୍ୱାସ ରହିଛି ଯେ, ଅଧିକ ଜିଡିପି ହେଉଛି ଜନସାଧାରଣଙ୍କର ପରିସ୍ଥିତିରେ ଉନ୍ନତି ଆଣିଥାଏ। ଅର୍ଥନୈତିକ ସ୍ୱାଧୀନତା ଏକ ସାଂଖ୍ୟିକ ନମ୍ବର ପ୍ରକାଶ ଓ ମାପକାଠି। ଉଲ୍ଲେଖଯୋଗ୍ୟ ଯେ, 'ଦି ହେରିଟେଜ ଫାଉଣ୍ଡେସନ ଅଫ ଆମେରିକା' ୧୯୯୫ ମସିହା ଠାରୁ ପ୍ରତିବର୍ଷ ଅର୍ଥନୈତିକ ସ୍ୱାଧୀନ ସୂଚ୍ୟାଙ୍କ ପ୍ରକାଶ କରିଆସୁଛି। ଏହି ସୂଚ୍ୟାଙ୍କକୁ ଅର୍ଥନୈତିକ ସ୍ୱାଧୀନତାର ଏକ ବ୍ୟାପକ ଦୃଷ୍ଟିକ୍ଷେତ୍ର ଭାବେ ଗ୍ରହଣ କରାଯାଇଥାଏ। ଉଲ୍ଲେଖ କରାଯାଇପାରେ ଯେ, ୨୦୨୫ ସୂଚ୍ୟାଙ୍କ ରିପୋର୍ଟ ସ୍ୱୀକାର କରାଯାଇଛି ଯେ, ବିଶ୍ୱବ୍ୟାପୀ ଅର୍ଥନୈତିକ ସ୍ୱାଧୀନତା ଏବେ ଆକ୍ରମଣର ସମ୍ମୁଖୀନ। ଭାରତ ମଧ୍ୟ ଏଥିରୁ ବାଦ ପଡିନାହିଁ। ବିଶ୍ୱର ୧୭୬ଟି ରାଷ୍ଟ୍ର ମଧ୍ୟରେ ତାଲିକାର ୧୨୮ତମ ର୍‍ୟାଙ୍କରେ ଭାରତ ରହିଛି। ଶୂନ(୦)ରୁ ୧୦୦ ମଧ୍ୟରେ ମାପକାଠି ଭାରତର ସ୍କୋର ୫୩ରହିଛି। ଯାହାକୁ ପରାଧୀନ ବୋଲି କୁହାଯାଇଛି।

## କେନ୍ଦ୍ର ବଜେଟ୍ ୨୦୨୬ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ତବ୍ୟ

# ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଭାରତ ଦିଗରେ ଆମ ଯାତ୍ରାର ମୂଳଦୁଆ ହେଉଛି ଏହି ବଜେଟ୍: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, (ପିଆଇବି): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭିଡିଓ ବାର୍ତ୍ତା ମାଧ୍ୟମରେ କେନ୍ଦ୍ର ବଜେଟ୍ ୨୦୨୬ ଉପରେ ନିଜର ମନ୍ତବ୍ୟ ରଖିଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜିର ବଜେଟ୍ ଐତିହାସିକ ଏବଂ ଏହା ଦେଶର ମହିଳାମାନଙ୍କ ସଶକ୍ତ ମନୋବଳକୁ ପ୍ରତିଫଳିତ କରୁଛି। ସେ ଉଲ୍ଲେଖ କରିଥିଲେ ଯେ କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଜଣେ ମହିଳା ଅର୍ଥମନ୍ତ୍ରୀ ଭାବେ କ୍ରମାଗତ ନବମ ଥର ପାଇଁ ଦେଶର ବଜେଟ୍ ଉପସ୍ଥାପନ କରି ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ବଜେଟ୍ ଅପାର



ସୁଯୋଗର ଏକ ପ୍ରଶସ୍ତ ପଥ ଯାହା ବର୍ତ୍ତମାନର ସ୍ୱପ୍ନକୁ ପୂରଣ କରିବ ଏବଂ ଭାରତର ଉଜ୍ଜ୍ୱଳ ଭବିଷ୍ୟତର ମୂଳଦୁଆକୁ ସୁଦୃଢ଼ କରିବ । ସେ ଗୁରୁତ୍ୱାରୋପ କରି କହିଥିଲେ ଯେ ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ଦିଗରେ ଭାରତର ଉଚ୍ଚ ଉଡାଣର ଆଧାର ଭାବେ ଏହି ବଜେଟ୍ କାର୍ଯ୍ୟ କରୁଛି।

ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ ଯେ ଯେଉଁ ସଂସ୍କାର ଏକ୍ସପ୍ରେସରେ ଭାରତ ଯାତ୍ରା କରୁଛି, ତାହା ଏହି ବଜେଟ୍ ମାଧ୍ୟମରେ ନୂତନ ଶକ୍ତି ଏବଂ ନୂତନ ଗତି ହାସଲ କରିବ। ସେ ରେଖାଙ୍କିତ କରିଥିଲେ ଯେ ଗ୍ରହଣ କରାଯାଇଥିବା ପଥପ୍ରଦର୍ଶକ ସଂସ୍କାର ଭାରତର ଆକାଂକ୍ଷୀ, ସାହସୀ ଏବଂ ପ୍ରତିଭାବାନ ଯୁବକମାନଙ୍କୁ ଉଡ଼ାଣ ପାଇଁ ଏକ ଖୋଲା ଆକାଶ ପ୍ରଦାନ କରିଥାଏ। ସେ ଆହୁରି ମଧ୍ୟ କହିଥିଲେ ଯେ ଏହି ବଜେଟ ବିଶ୍ୱାସ ଆଧାରିତ ଶାସନ ଏବଂ ମାନବ କୈନ୍ଦ୍ରିକ ଆର୍ଥିକ ଢାଞ୍ଚାକୁ ସାକାର କରିଛି। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ଯେ ଏହା ଏକ ଅନନ୍ୟ ବଜେଟ୍, ଯାହା ବିତ୍ତୀୟ ନିଅଣ୍ଟ ହ୍ରାସ କରିବା ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହିତ ଉଚ୍ଚ ପୁଞ୍ଜି ବ୍ୟୟ ଏବଂ ଉଚ୍ଚ ଅଭିବୃଦ୍ଧି ସୁନିଶ୍ଚିତ କରୁଛି। ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଏହି ବଜେଟ୍ ଭାରତର ବୈଶ୍ୱିକ ଭୂମିକାକୁ ପୁଣିଥରେ ସୁଦୃଢ଼ କରିଛି। ସେ ଉଲ୍ଲେଖ କରିଥିଲେ ଯେ ଭାରତର ୧୪୦ କୋଟି ନାଗରିକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା ହୋଇଥିବାରୁ ସନ୍ତୁଷ୍ଟ ନୁହଁନ୍ତି ଏବଂ ଦେଶ ଖୁବ୍ ଶୀଘ୍ର ବିଶ୍ୱର ତୃତୀୟ ସର୍ବବୃହତ୍ ଅର୍ଥବ୍ୟବସ୍ଥା ହେବାକୁ ସଂକଳ୍ପବଦ୍ଧ। ଏହା ଲକ୍ଷ ଲକ୍ଷ ଭାରତୀୟଙ୍କ ସାମୂହିକ ସଂକଳ୍ପ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏକ ବିଶ୍ୱସ୍ତ ଗଣତାନ୍ତ୍ରିକ ଅଂଶୀଦାର ଏବଂ ବିଶ୍ୱସ୍ତ ଗୁଣବତ୍ତା ଯୋଗାଣକାରୀ ଭାବେ ଭାରତର ଭୂମିକା କ୍ରମାଗତ ଭାବେ ବୃଦ୍ଧି ପାଉଛି। ସେ ରେଖାଙ୍କିତ କରିଥିଲେ ଯେ ନିକଟରେ ଭାରତ ଦ୍ୱାରା କରାଯାଇଥିବା ପ୍ରମୁଖ ବାଣିଜ୍ୟ ଚୁକ୍ତିଗୁଡ଼ିକ ଦେଶର ଯୁବକମାନଙ୍କ ପାଇଁ ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ପାଇଁ ସର୍ବାଧିକ ଲାଭ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ କରାଯାଇଛି ଏବଂ ଏହି ଦିଗରେ ଆଗକୁ ବଢ଼ିବା ପାଇଁ ବଜେଟରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି।

# କେନ୍ଦ୍ର ବଜେଟ୍ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା



ସୋନ୍‌ପୁର ,(ସ୍ୱ ପ୍ର): ଫେବୃଆରୀ ୧ ତାରିଖ ଦିନ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୬-୨୭ ବର୍ଷ ପାଇଁ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିଛନ୍ତି । ଏହି ବଜେଟ୍ ଏକ ଅଭିବୃଦ୍ଧି ମୂଳକ ବଜେଟ୍। ସମାଜର ସବୁ ବର୍ଗର ଲୋକଙ୍କ ଅଭିବୃଦ୍ଧି ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଯୁବ ଶକ୍ତିର ବିକାଶ ଉପରେ ସ୍ୱତନ୍ତ୍ର ଫୋକସ୍ ରହିଛି। ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣଙ୍କ ଏହା ହେଉଛି କ୍ରମାଗତ ନବମ ବଜେଟ୍। ଏଥିରେ ଅସ୍ପଷ୍ଟତା ବଦଳରେ ସ୍ପଷ୍ଟ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯାଇଛି।

ଏଥିରେ ବିଭିନ୍ନ କ୍ଷେତ୍ରରେ ଯୁବକମାନଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ସେମାନଙ୍କ ମଧ୍ୟରେ ବିଶ୍ୱ ସ୍ତରରେ ପ୍ରତିଯୋଗିତା କରିବା ଭଳି ଦକ୍ଷତା ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହା ଫଳରେ ଯୁବ ସମାଜ ଆତ୍ମ ବିଶ୍ୱାସୀ ହେବା ସହିତ, ଦେଶର ବିକାଶ ପ୍ରତି ନିଜର ଅବଦାନ ରଖିପାରିବ। ଏହା ବାସ୍ତବରେ ଏକ ଯୁବଶକ୍ତି ବଜେଟ୍।

ଦେଶର ଆର୍ଥିକ ଅଭିବୃଦ୍ଧିକୁ ଜାରି ରଖିବା ପାଇଁ ମୋଦୀ ସରକାର ତାଙ୍କ ଶାସନ କାଳ ସମୟରେ ବର୍ତ୍ତମାନ ସୁଦ୍ଧା ୩୫୦ଟି ଢାଞ୍ଚାଗତ ସଂସ୍କାର ଆଣିଛନ୍ତି, ଯାହାକି ସ୍ୱାଧୀନ ଭାରତର ଅର୍ଥନୈତିକ ଇତିହାସରେ ଏକ ବିରଳ ଅଧ୍ୟାୟ। ଏହାଦ୍ୱାରା ଆତ୍ମ ନିର୍ଭର ଭାରତ, ବିକଶିତ ଭାରତ ଗଠନ ଦିଗରେ ଆମର ଯେଉଁ ଲକ୍ଷ୍ୟ ରହିଛି, ତାହା ତ୍ୱରାନ୍ୱିତ ହୋଇଛି।

## ଶ୍ରୀମନ୍ଦିର ପ୍ରଶାସନର ପାଞ୍ଜି ସମୀକରଣ ବୈଠକ

# ୫ ପାଞ୍ଜିକୁ ମିଳିଲା ଅନୁମୋଦନ

**ପୁରୀ:** ଶ୍ରୀମନ୍ଦିର କାର୍ଯ୍ୟାଳୟରେ ୨୦୨୬-୨୭ ପାଞ୍ଜି ସମୀକରଣ ନେଇ ଚୂଡାନ୍ତ ବୈଠକ ଅନୁଷ୍ଠିତ ହୋଇଛି। ଶ୍ରୀଗଣେଶ ଚତୁର୍ଥୀକୁ ନେଇ ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ସେପ୍ଟେମ୍ବର ୧୪ରେ ଗଣେଶ ଚତୁର୍ଥୀ ସମଗ୍ର ଭାରତ ବର୍ଷ ଭଳି ଶ୍ରୀମନ୍ଦିର ଓ ଓଡିଶାରେ ମଧ୍ୟ ପାଳିତ ହେବ। ତେଣୁ ସେହି ତାରିଖକୁ



ପାଞ୍ଜିରେ ଅନ୍ତର୍ଭୁକ୍ତ କରାଯିବାକୁ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ଏପ୍ରିଲ ୧୪ ତାରିଖ ମହାବିଷୁବ ସଂକ୍ରାନ୍ତିଠୁ ନେଇ ୨୦୨୭ ମସିହା ବାଡି ନୃସିଂହ ବିଜେ ପର୍ଯ୍ୟନ୍ତ ଶ୍ରୀମନ୍ଦିର ନୀତିକାନ୍ତି ସ୍ୱୀକୃତ ପାଞ୍ଜିରେ ନିର୍ଦ୍ଦିଷ୍ଟ ତାରିଖରେ ସ୍ଥାନିତ କରାଯାଇଛି। ସେହିଭଳି ଡିସେମ୍ବର ୮ରେ ଶ୍ରୀମନ୍ଦିରରେ ଦେବ ଦୀପାବଳି, ୯ତାରିଖ ମଧ୍ୟ ଦେବ ଦୀପାବଳି ଓ ସାଗର ବିଜେ ନୀତି, ୧୦ ତାରିଖ ଶେଷ ଦେବ ଦିପାବଳି ନୀତି ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ମୋଟ ୫ଟି ପାଞ୍ଜିକୁ ଅନୁମୋଦନ ମିଳିଛି।

ଶ୍ରୀରାଧାରମଣ ବିଶୁଦ୍ଧ ଖଡିରତ୍ନ ପଞ୍ଜିକା, କୋହିନୁର ପ୍ରେସ ପଞ୍ଜିକା, ଖଡିରତ୍ନ ପଞ୍ଜିକା, ଜିଏନ୍ ତ୍ରିପାଠୀ ଓ ଭାଗ୍ୟଦୀପ ପ୍ରେସ ସ୍ୱୀକୃତି ପାଇଛି। ଗତ ମାସ ୨୯ ତାରିଖ ପ୍ରଥମ ପଞ୍ଜିକା ସମୀକରଣ ବୈଠକରେ ୮ଟି ପଞ୍ଜିକା ପ୍ରକାଶନ ସଂସ୍ଥାକୁ ଚିଠି ଦିଆଯାଇଥିଲା। ତେବେ ୫ଟି ପାଣ୍ଡୁଲିପି ଦାଖଲ ହୋଇଥିଲା। ତେଣୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୫ଟି ପାଞ୍ଜିକୁ ସ୍ୱୀକୃତି ଦିଆଯାଇଛି। ପାଞ୍ଜି ଓ କ୍ୟାଲେଣ୍ଡର କିଭଳି ନିର୍ଭୁଲ, ସଠିକ ଓ ତ୍ରୁଟିଶୂନ୍ୟ ହେବ ସେନେଇ ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଚୂଡାନ୍ତ ବୈଠକ ବସିଥିଲା। ଭକ୍ତମାନେ ଯେପରି ଦ୍ୱନ୍ଦ୍ୱରେ ନ ରୁହନ୍ତି ସେନେଇ ଗୁରୁତ୍ୱ ଦେବାକୁ ଡ. ପାଢୀ କହିଥିଲେ। ଏଥିସହ ଶ୍ରୀମନ୍ଦିର ନୀତିକାନ୍ତି ସମୂହ ନିର୍ଦ୍ଦିଷ୍ଟ ତିଥି ବ୍ୟତିରେକ ଯେପରି ଦ୍ୱନ୍ଦ୍ୱ ସୃଷ୍ଟି ନ ରୁହେ ସେନେଇ ବୈଠକରେ ଗୁରୁତ୍ୱ ଦିଆଯାଇଛି।

ବୈଠକରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ପଣ୍ଡିତ, ପୂଜାପଣ୍ଡା ନିଯୋଗର ବରିଷ୍ଠ ସଦସ୍ୟ, ତଢଉ କରଣ, କମାଣ୍ଡର, ଛତିଶାନିଯୋଗ ନାୟକ, ଦେଉଳ ପୁରୋହିତ, ଦଇତାପତି ନିଯୋଗର ବରିଷ୍ଠ ସେବାୟତ, ଶ୍ରୀମନ୍ଦିର ଜ୍ୟୋତିଷଙ୍କ ଉପସ୍ଥିତିରେ ଆଲୋଚନା ହୋଇଛି।

ଡ. ପାଢୀ କହିଛନ୍ତି, ଶ୍ରୀମନ୍ଦିର ପରମ୍ପରା, ଶାସ୍ତ୍ରସମ୍ମତ ଆଧାରରେ ତିଥି ନିର୍ଦ୍ଧାରିତ ହୋଇଛି। ତିଥିରେ କୌଣସି ଅସଙ୍ଗତି କିମ୍ବା ମତାନ୍ତର କେହି ଦେଖାଇନାହାନ୍ତି। ଚୂଡାନ୍ତ ହୋଇଥିବା ଶ୍ରୀଜଗନ୍ନାଥ ମନ୍ଦିର ଯାନିଯାତ୍ରା ଓ ପର୍ବପର୍ବାଣି ସମ୍ବନ୍ଧରେ ପଞ୍ଜିକା, କ୍ୟାଲେଣ୍ଡରେ ନିର୍ଭୁଲ ଓ ତ୍ରୁଟିଶୂନ୍ୟ ମୁଦ୍ରଣ ପାଇଁ ୫ଟି ପ୍ରକାଶନ ସଂସ୍ଥାକୁ ଅନୁରୋଧ କରାଯାଇଛି। ଗତବର୍ଷ ପୟା ଶ୍ରାଦ୍ଧ, ସରସ୍ୱତୀ ପୂଜା, କାଳୀପୂଜା, ଜନ୍ମାଷ୍ଟମୀ ଆଦି ପର୍ବ ପର୍ବାଣି ପାଳନ ନେଇ ଲୋକେ ଦ୍ୱନ୍ଦ୍ୱରେ ପଡିଥିଲେ। ୨୦୨୬-୨୭ ପାଞ୍ଜି ଓ କ୍ୟାଲେଣ୍ଡରରେ ଯେଭଳି ଅସଙ୍ଗତି ନ ରୁହେ ସେନେଇ ଗୁରୁତ୍ୱ ଦେବାକୁ ସ୍ଥିର ହୋଇଛି। ଡ.ପାଢୀଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସକ, ସେବକ ପ୍ରତିନିଧି ଓ ୫ଟି ପଞ୍ଜିକାର ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ।

# ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବରେ ଯୋଗଦେଲେ ସଂଗ୍ରାମ କେଶରୀ ମହାପାତ୍ର

ଭୁବନେଶ୍ୱର :ଇତିମଧ୍ୟରେ ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟାଳୟରେ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର ପରିଷଦର ଅଧ୍ୟକ୍ଷ(ଭାରପ୍ରାପ୍ତ) ଭାବରେ ଯୋଗଦାନ କରିଛନ୍ତି । ଏହି ଅବସରରେ ପରିଷଦର ସମସ୍ତ ଅଧିକାରୀ ଓ କର୍ମଚାରୀ ଶ୍ରୀ ମହାପାତ୍ରଙ୍କୁ ଅଭିବାଦନ ଜଣାଇଥିଲେ । ସୂଚନାଯୋଗ୍ୟ ଯେ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର ଉତ୍ତରାଞ୍ଚଳ ରାଜସ୍ୱ



ଆୟୁକ୍ତ ଭାବରେ ଯୋଗଦାନ କଲାପରେ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ(ଭାରପ୍ରାପ୍ତ) ଭାବରେ ଯୋଗଦାନ କରିଛନ୍ତି । ଏହା ସହ ସେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବରେ ମଧ୍ୟ ଦାୟିତ୍ୱରେ ରହିଛନ୍ତି । ଏହି ଯୋଗଦାନ ପରେ ଶ୍ରୀ ମହାପାତ୍ର ପଶ୍ଚିମ ଓଡିଶା ବିକାଶ ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ଓ ଆନୁଷଙ୍ଗିକ ଦିଗ ବିଷୟରେ ଆଲୋଚନା କରିଥିଲେ । ପରିଷଦର ଅଧିକାରୀଗଣ ଶ୍ରୀ ମହାପାତ୍ରଙ୍କୁ ପଶ୍ଚିମ ଓଡିଶା ବିକାଶ ପରିଷଦର ବିଭିନ୍ନ କାର୍ଯ୍ୟ ବିଷୟରେ ସୂଚିତ କରିଥିଲେ ।

ସମସ୍ତେ ମିଳିତ ଭାବରେ ନିଷ୍ଠାର ସହ କାର୍ଯ୍ୟ କରି ପଶ୍ଚିମ ଓଡିଶା ବିକାଶ ପରିଷଦର ସାମୁହିକ ଲକ୍ଷ୍ୟ ହାସଲ ଦିଗରେ ବ୍ରତୀ ହେବାପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଏହା ସହ ଆଗାମୀ ଦିନରେ ପରିଷଦ ଆହୁରି ଲୋକଭିମୁଖୀ ଭାବରେ କାର୍ଯ୍ୟ କରିବା ସହ ସରକାରଙ୍କ ବିକଶିତ ଓଡିଶା ନିର୍ମାଣ ଦିଗରେ ପ୍ରମୁଖ ଯୋଗଦାନ କରିବ ବୋଲି ମତପ୍ରକାଶ କରିଥିଲେ ।

# ଝାରସୁଗୁଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

ଝାରସୁଗୁଡ଼ା( ନି ପ୍ର ) - ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ସଭାଗୃହଠାରେ 'ଜାତୀୟ ଶିଶୁ କନ୍ୟା ଦିବସ-୨୦୨୬' ପାଳିତ ହୋଇଯାଇଛି। ଚଳିତ ବର୍ଷ ଏହି ଦିବସଟିକୁ 'ପ୍ରତ୍ୟେକ କନ୍ୟା ଶିଶୁର ସଶକ୍ତିକରଣ, ଏକ ସୁଦୃଢ଼ ଭାରତ ଗଠନ' ଆଭିମୁଖ୍ୟକୁ ନେଇ ଆୟୋଜନ କରାଯାଇଥିଲା। ଏହି ଉତ୍ସବର ମୁଖ୍ୟ ଲକ୍ଷ୍ୟ ହେଉଛି କନ୍ୟା ସନ୍ତାନମାନଙ୍କର ଶିକ୍ଷା, ଉତ୍ତମ ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା। ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନ ପାଇଁ କନ୍ୟା ସନ୍ତାନର କଲ୍ୟାଣ ନିମନ୍ତେ ସାମୂହିକ ସହଯୋଗର ଅପରିହାର୍ଯ୍ୟତା ଉପରେ ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଥିଲା।ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି



କାର୍ଯ୍ୟକ୍ରମରେ ଅତିଥିମାନେ କନ୍ୟା ସନ୍ତାନମାନଙ୍କର ସାମ୍ବିଧାନିକ ଅଧିକାର ଏବଂ ସରକାରୀ ସୁବିଧା ସୁଯୋଗ ସୁନିଶ୍ଚିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିଶେଷ କରି କନ୍ୟା ଭ୍ରୁଣ ହତ୍ୟା ରୋକିବା ଏବଂ ପିସି-ଏଣ୍ଡ-ପିଏନଡିଟି ଆଇନର କଡ଼ାକଡ଼ି ଅନୁପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିଶୁ କନ୍ୟାମାନଙ୍କୁ ସମାନ ସୁଯୋଗ ପ୍ରଦାନ କଲେ ହିଁ ଦେଶର ପ୍ରକୃତ ପ୍ରଗତି ସମ୍ଭବ ବୋଲି ବକ୍ତାମାନେ ନିଜର ଅଭିଭାଷଣରେ ମତବ୍ୟକ୍ତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଏଡିପିଏଚ୍‌ଓ (ଏଫ୍‌ଡବ୍ଲୁ) ଡକ୍ଟର ଦୁର୍ଜୟ କୁମାର ଦତ୍ତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ପ୍ରତିନିଧି, ଏବଂ ପିସି-ଏଣ୍ଡ-ପିଏନଡିଟି ଜିଲ୍ଲା ପରାମର୍ଶଦାତା କମିଟିର ସଦସ୍ୟମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏଥିସହିତ ବିଭିନ୍ନ ବ୍ଲକରୁ ଆସିଥିବା ସ୍ୱାସ୍ଥ୍ୟ ଅଧିକାରୀ, ଏଡିପିଏଚ୍‌ଏସଓ, ଡିପିଏମୟୁ ଓ ଏନ୍‌ଏଚ୍‌ଏମ୍ ର କର୍ମଚାରୀଙ୍କ ସମେତ ବହୁ ସଂଖ୍ୟାରେ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ରହିଥିଲେ। ଶେଷରେ ସମାଜରୁ ଲିଙ୍ଗଗତ ବୈଷମ୍ୟ ଦୂର କରି କନ୍ୟାମାନଙ୍କୁ ଏକ ସୁରକ୍ଷିତ ପରିବେଶ ଯୋଗାଇ ଦେବାକୁ ସମସ୍ତେ ସମୂହ ଶପଥ ଗ୍ରହଣ କରିଥିଲେ।

# ଓଡିଶାରେ ବୋମା ଧମକ ମାମଲାରେ ଏନ୍‌ଆଇଏ ତଦନ୍ତ ଆଦେଶ ଦିଅନ୍ତୁ: ବିଜେଡ଼ି

ଭୁବନେଶ୍ୱର : ରାଜ୍ୟ ସରକାର ଓଡିଶାର ଆଇନଶୃଙ୍ଖଳା ରକ୍ଷା କରିବାରେ ସମ୍ପୂର୍ଣ୍ଣ ବିଫଳତା ଯୋଗୁଁ ବିଜୁ ଜନତା ଦଳ ସରକାରଙ୍କୁ ଦୃଢ଼ଭାବେ ନିନ୍ଦା କରିଛି । ଏହା ରାଜ୍ୟରେ ଆସୁଥିବା ବୋମା ଧମକ ଦ୍ୱାରା ପ୍ରମାଣିତ ହୋଇଛି । ଯାହା ଦ୍ୱାରା ଆମ ରାଜ୍ୟର ଶାନ୍ତି ଓ ସୁରକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ବିଜେଡି ସରକାରଙ୍କ ସମୟରେ ଯେଉଁ ଶାନ୍ତିର ବାତାବରଣ ଥିଲା, ତାହା ବର୍ତ୍ତମାନ ବିଜେପି ଶାସନରେ ଅରାଜକତାରେ ପରିଣତ ହୋଇଛି । ବାରମ୍ବାର ବୋମା ଧମକ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ଖୋଲା ଆହ୍ୱାନ କରୁଛି ।

ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି ବିଜେପି ସରକାରଙ୍କର ସୁରକ୍ଷା ତ୍ରୁଟିକୁ ଉଜାଗର କରିଛନ୍ତି, ବିଶେଷକରି ଯେତେବେଳେ ଭାରତର ମାନ୍ୟବର ରାଷ୍ଟ୍ରପତି ଓଡିଶା ଗସ୍ତରେ ଅଛନ୍ତି । ବାରମ୍ବାର ବୋମା ଧମକ ଘଟଣାଗୁଡିକ ଜନସାଧାରଣଙ୍କ ବିଶ୍ୱାସକୁ ହ୍ରାସ କରୁଛି ।

## ଓଡ଼ିଆ ଭାଷାରେ ଏକାଦଶ...

ପୁସ୍ତକ ପ୍ରସ୍ତୁତ କରିବାର ଯୋଜନା ରହିଛି । ଏହାଫଳରେ ପ୍ରାଥମିକ ଶିକ୍ଷାରୁ ଉଚ୍ଚ ବୈଷୟିକ ଶିକ୍ଷା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରର ଛାତ୍ରଛାତ୍ରୀମାନଙ୍କ ପାଇଁ ଓଡ଼ିଆ ଭାଷାରେ ସନ୍ଦର୍ଭ ପୁସ୍ତକ ଉପଲବ୍ଧ କରିବା ପାଇଁ ଏକ ବଳିଷ୍ଠ ପଦକ୍ଷେପ ହେବ ।

ଉକ୍ତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଆଇନ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୁଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡିକେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏନ୍ ଥିରୁମାଲା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଛତିଶଗଡ଼ରେ ମହାନଦୀ...

ପରେ ମହାନଦୀ ବଞ୍ଚାଅ ଆନ୍ଦୋଳନର କର୍ମକର୍ତ୍ତାମାନେ ଚନ୍ଦ୍ରପୁରର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ଶର୍ମା, ସାରଙ୍ଗଗଡ଼ର ପରିବେଶବିତ୍ ଡ. ପରିବେଶ ମିଶ୍ରଙ୍କୁ ସାକ୍ଷାତ କରି ମହାନଦୀ ଜଳ ବିବାଦର ସମାଧାନ ଓ ନଦୀର ସୁରକ୍ଷା ପାଇଁ ଭବିଷ୍ୟତର ମିଳିତ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ। ଛତିଶଗଡ଼ ସରକାର ଚାଲାକି କରି ପ୍ରଥମେ କଲମା ବ୍ୟାରେଜ୍ ?ର ସମସ୍ତ ଗେଟ୍‌କୁ ବନ୍ଦ କରିଦେବା ପରେ ଲୋକ ଦେଖାଣିଆ ଭାବେ ଗୋଟିଏ ଗେଟ୍ ଖୋଲିଛନ୍ତି ବୋଲି ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଥିଲା। ସେପଟେ କଲମା ବ୍ୟାରେଜ୍‌ର ତଳମୁଣ୍ଡରେ ପୁଣି ବାଲିବନ୍ଧ ବାନ୍ଧି ଚିରସ୍ରୋତା ମହାନଦୀକୁ ମରୁଭୂମିର ରୂପ ଦେବା ପାଇଁ ଛତିଶଗଡ଼ ପ୍ରୟାସ କରୁଛି ବୋଲି ଆନ୍‌ଦୋଳନକାରୀ କହିଛନ୍ତି। ନିରବଚ୍ଛିନ୍ନ ଜଳପ୍ରବାହ ପାଇଁ ପଡ଼ୋଶୀ ରାଜ୍ୟ ସରକାର ବିଗତ କିଛି ବର୍ଷ ଧରି ଓଡ଼ିଶା ସରକାର ମହାନଦୀରେ ସହିତ ବିଭିନ୍ନସ୍ତରରେ ଆଲୋଚନା କରିଛନ୍ତି। ଟ୍ରିବ୍ୟୁନାଲ୍ ପର୍ଯ୍ୟନ୍ତ କଥା ଯାଇଥିବା ବେଳେ ନିଷ୍କର୍ଷ ଆଜି ପର୍ଯ୍ୟନ୍ତ ବାହାରି ପାରିନି। ଛତିଶଗଡ଼ ସରକାରଙ୍କ ମନମାନି ବିରୋଧରେ ମହାନଦୀ ବଞ୍ଚାଅ ଆନ୍ଦୋଳନର କର୍ମକର୍ତ୍ତା ଆଜି ଘଟଣାସ୍ଥଳରେ ପହଞ୍ଚି ନ୍ୟାୟ ମାଗିଥିଲା ।

## ମହିଳା ଚଳାଇବେ...

କରିବା ଏବଂ ଜନ ପରିବହନ ସେବାରେ ଉଦାହରଣ ସୃଷ୍ଟି କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରିଥିଲେ।

୨ ଫେବୃଆରୀରୁ ୧୫ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ସ୍ଥିର ହୋଇଥିବା ୧୪ ଦିନିଆ ଉଚ୍ଚ ମାନର ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଜିଆଇଜେଡ ର ବୈଷୟିକ ସହାୟତାରେ ପୁଣେର ମୂଳ ଉପକରଣ ନିର୍ମାତା 'ଏକ୍କା ମୋବିଲିଟି' ପ୍ଲାଣ୍ଟରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଇଲେକ୍ଟ୍ରିକ୍ ବସ୍ ପରିଚାଳନା, ଉନ୍ନତ ଡ୍ରାଇଭିଂ, ସୁରକ୍ଷା ପ୍ରୋଟୋକଲ୍ ଏବଂ ପରିଚାଳନାଗତ ଉତ୍କର୍ଷତା ଉପରେ ଧ୍ୟାନ ଦିଆଯିବ । ପ୍ରଶିକ୍ଷାର୍ଥୀମାନେ ୧୭ ଫେବୃଆରୀ ରେ ଫେରିବାର କାର୍ଯ୍ୟକ୍ରମ ରହିଛି ।

ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରୁଟର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ବିଶ୍ୱାଳ, ମହାପ୍ରବନ୍ଧକ ସହଦେବ ସମାଧିଆ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସେମାନେ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଦକ୍ଷତା ବିକାଶ, ମହିଳା ସଶକ୍ତିକରଣ ଏବଂ ସହରାଞ୍ଚଳ ଜନ ପରିବହନ ସେବାକୁ ସୁଦୃଢ଼ କରିବା ପାଇଁ କ୍ରୁଟର ପ୍ରତିବଦ୍ଧତାକୁ ଦୋହରାଇଥିଲେ ।

ସହରାଞ୍ଚଳ ପରିବହନ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ସୁଯୋଗ ଏବଂ ନେତୃତ୍ୱ କୌଶଳର ବିକାଶ କରିବା ସହିତ ଏକ ସୁରକ୍ଷିତ, ସମାନତା ଆଧାରିତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଜନ ପରିବହନ ବ୍ୟବସ୍ଥା ଗଠନକୁ ଓଡ଼ିଶା ସରକାର ପ୍ରାଧାନ୍ୟ ଦେଉଛନ୍ତି ।

# ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ

ଝାରସୁଗୁଡା ( ନି ପ୍ର) : ବାଲ୍ୟ ବିବାହ ନିରାକରଣ ପାଇଁ ଏକ ୧୦୦ ଦିନିଆ ଅଭିଯାନ ଜାରି ରହିଥିବା ବେଳେ ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ମିଳିତ ଆନକୂଲ୍ୟରେ ବାଲ୍ୟ ବିବାହ ମୁକ୍ତ ଭାରତ ପାଇଁ ଏକ ସାଇକେଲ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଅଛି। ଏହି ସାଇକେଲ ରାଲି କୁ ଝାରସୁଗୁଡା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ସାଇଲେଲ ରାଲି ଜିଲ୍ଲାପାଳ କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ କିସାନ ଛକ ପର୍ଯ୍ୟନ୍ତ ପରିକ୍ରମା କରି ସଚେତନତା ବାର୍ତ୍ତା ପହଞ୍ଚାଇଥିଲା । ଏହି କାର୍ଯ୍ୟକ୍ରମରେ ଝାରସୁଗୁଡା ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ଆଲୋକମୟୀ ପ୍ରଧାନଙ୍କ ସମେତ ଅନେକ ଜିଲ୍ଲା ସ୍ତରୀୟ ଅଧିକାରୀ ଗଣ ଉପସ୍ଥିତ ରହିଥିଲେ। ଏହା ସହିତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ସାମାଜିକ ଅନୁଷ୍ଠାନର ସଦସ୍ୟ ଏବଂ ସ୍ଥାନୀୟ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବାଳିକାର ଉଚ୍ଚଶିକ୍ଷା, ଉତ୍ତମ ସ୍ୱାସ୍ଥ୍ୟ ଓ ଉଜ୍ଜ୍ୱଳ ଭବିଷ୍ୟତର ଅଧିକାର ରହିଛି । ଆସନ୍ତୁ ବାଲ୍ୟ ବିବାହ ଭଳି କୁପ୍ରଥାକୁ ଉଚ୍ଛେଦ କରି ପିଲାମାନଙ୍କ ଭବିଷ୍ୟତ ସୁରକ୍ଷିତ କରିବା ଉଦ୍ଦେଶ୍ୟ ରେ ଏହି ସାଇକେଲ ରାଲି କରାଯାଇ ଜନସାଧାରଣ ଙ୍କୁ ସଚେତନ କରାଯାଇଥିଲା।

# ପିଆଇବି ଓ ସିବିସି ଭୁବନେଶ୍ୱର ପକ୍ଷରୁ ଆୟୋଜିତ ସ୍ୱଚ୍ଛତା ପଖୱାଡ଼ା ୨୦୨୬ ଉଦଯାପିତ

ଭୁବନେଶ୍ୱର, (ପିଆଇବି): ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ଏବଂ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ପକ୍ଷରୁ ସ୍ୱଚ୍ଛତା ପଖୱାଡ଼ା ୨୦୨୬ର ଉଦଯାପନୀ ସମାରୋହ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛତା, ଜନ ଭାଗିଦାରୀ ଏବଂ ଅଭ୍ୟାସଗତ ପରିବର୍ତ୍ତନ ଦିଗରେ ସାମୂହିକ ପ୍ରତିବଦ୍ଧତା ପ୍ରତିଫଳିତ ହୋଇଥିଲା।



ଏହି କାର୍ଯ୍ୟକ୍ରମ ପିଆଇବି ଏବଂ ସିବିସି (ଓଡ଼ିଶା ଏବଂ ଝାଡ଼ଖଣ୍ଡ କ୍ଷେତ୍ର)ର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। 'ସମ୍ବାଦ'ର ସମ୍ପାଦକ ଶ୍ରୀମତୀ ତନୟା ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଏବଂ ବିର୍ଲା ଗ୍ଲୋବାଲ୍ ୟୁନିଭରସିଟିର ଏନଏସଏସ ସେଲ ଆବାହକ ପ୍ରଫେସର ଯୋଗେନ୍ଦ୍ର ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ମିଶନର ମୂଳ ଲକ୍ଷ୍ୟ ଉପରେ ଆଲୋକପାତ କରାଯିବା ସହିତ ଜନଭାଗିଦାରୀ ଏବଂ ଦୀର୍ଘସ୍ଥାୟୀ ଅଭ୍ୟାସଗତ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ପୂର୍ବ ଭାରତ ସମେତ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ କେନ୍ଦ୍ର ବଜେଟ୍: କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, (ବ୍ୟୁରୋ): 'କେନ୍ଦ୍ର ବଜେଟ୍ ୨୦୨୬-୨୭' ଏକ ଭବିଷ୍ୟତବାଦୀ, ଯୁବଶକ୍ତି-କେନ୍ଦ୍ରିକ, ଜନହିତକର ଏବଂ ନିଯୁକ୍ତିଭିତ୍ତିକ ବଜେଟ୍ । ଭାରତର ଅଭିବୃଦ୍ଧି ସାମର୍ଥ୍ୟର ସମ୍ପୂର୍ଣ୍ଣ ବିନିଯୋଗ, ସବୁ ବର୍ଗର ଲୋକଙ୍କ ସାମଗ୍ରିକ ବିକାଶ ଏବଂ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବା ପାଇଁ ଲୋକଭିମୁଖୀ ବଜେଟ୍ ଉପସ୍ଥାପନ କରିଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ବଜେଟ୍ ପୂର୍ବ ଭାରତ ବିଶେଷତଃ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ସେ କହିଛନ୍ତି ।

ନୂଆଦିଲ୍ଲୀ ଠାରେ ବଜେଟ୍ ସମ୍ପର୍କିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, 'ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ସମସ୍ତଙ୍କ ଆଶା-ଆକାଂକ୍ଷା ପୂରଣ କରି ସାମର୍ଥ୍ୟ ବଢ଼ାଇବା ଏବଂ ପ୍ରତିଟି ପରିବାର ଓ ସମ୍ପ୍ରଦାୟ ପାଖରେ ସମ୍ବଳ, ସୁଯୋଗ ଓ ସୁବିଧା ପହଞ୍ଚାଇବା'—ଏହି ତିନୋଟି କର୍ତ୍ତବ୍ୟ ଦ୍ୱାରା ଅନୁପ୍ରାଣିତ ଏହି ବିକଶିତ ଭାରତ ବଜେଟ୍ ସବୁ କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ ଆଣିବ । ଏହି ବଜେଟ୍ ସବକା ସାଥ୍, ସବକା ବିକାଶ ମନ୍ତ୍ର ଉପରେ



ଗୁରୁତ୍ୱ ଦେଇଛି, ଯାହା ଦ୍ୱାରା ଗରିବ ଏବଂ ମଧ୍ୟବିତ୍ତ ପରିବାରମାନେ ବିଶେଷ ଭାବରେ ଲାଭ ପାଇବେ । ଏହା ଭାରତର ପରବର୍ତ୍ତୀ ପର୍ଯ୍ୟାୟର ଅଭିବୃଦ୍ଧି ପାଇଁ 'ରିଫର୍ମ ଏକ୍ସପ୍ରେସ୍' ବା ସଂସ୍କାରର ଗତିକୁ ତ୍ୱରାନ୍ୱିତ କରିବ ଏବଂ ୧୪୦ କୋଟିରୁ ଅଧିକ ଭାରତୀୟଙ୍କ ଲାଭ ସୁନିଶ୍ଚିତ କରିବ ।

ସେ କହିଛନ୍ତି ଯେ ଚଳିତ ବଜେଟରେ ଶିକ୍ଷା କ୍ଷେତ୍ରରେ ୮ ପ୍ରତିଶତ ବୃଦ୍ଧି ହୋଇଛି । ଏହି କ୍ଷେତ୍ରରେ ୧ ଲକ୍ଷ ୩୯ ହଜାର ୨୮୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ଆଗାମୀ ୫ ବର୍ଷ ପାଇଁ ୧୦,୦୦୦ କୋଟି ଟଙ୍କାର ବ୍ୟୟବରାଦ ସହ 'ବାୟୋଫାର୍ମା ଶକ୍ତି' ଏବଂ ୪୦,୦୦୦ କୋଟି ଟଙ୍କାର 'ଇଣ୍ଡିଆ ସେମିକଣ୍ଡକ୍ଟର ୨.୦' ମିଶନର ଶୁଭାରମ୍ଭ କରାଯାଇଛି । ଶ୍ରମ-ଭିତ୍ତିକ ବୟନ ଶିଳ୍ପ ଏବଂ ଖଦି-ହସ୍ତଶିଳ୍ପର ବିକାଶ ପାଇଁ 'ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ' ଅଭିଯାନ ଘୋଷଣା କରାଯାଇଛି । ଏମଏସଏମଇ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ୧୦,୦୦୦ କୋଟି ଟଙ୍କାର ଗ୍ରୋଥ୍ ଫଣ୍ଡ୍ ଗଠନ କରାଯାଇଛି । ଯୁବପିଢ଼ିଙ୍କୁ ନିଯୁକ୍ତିକ୍ଷମ କରିବା ପାଇଁ 'ଇଟୁଇ' (ଶିକ୍ଷାରୁ ନିଯୁକ୍ତି ଓ ଉଦ୍‌ଯୋଗ) ମାନକ କମିଟି ଗଠନର ପ୍ରସ୍ତାବ ଦିଆଯାଇଛି । ଦେଶର ୧୫,୦୦୦ ମାଧ୍ୟମିକ ବିଦ୍ୟାଳୟ ଓ ୫୦୦ କଲେଜରେ 'ଏଭିଜିସି' (ଆନିମେସନ୍, ଗେମିଂ) ଲ୍ୟାବ୍ ପ୍ରତିଷ୍ଠା ହେବ । ଛାତ୍ରୀମାନଙ୍କୁ ଷ୍ଟେମ ଶିକ୍ଷାରେ ସହାୟତା ପାଇଁ ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ଛାତ୍ରୀନିବାସ ନିର୍ମାଣ କରାଯିବ । ଶିକ୍ଷା ଓ ଚିକିତ୍ସା ଉଦ୍ଦେଶ୍ୟରେ ବିଦେଶକୁ ଅର୍ଥ ପ୍ରେରଣ ଉପରେ ଟିସିଏସ ହାରକୁ ୫% ରୁ ୨% କୁ ହ୍ରାସ କରାଯାଇଛି । ଏହି ବଜେଟ୍ ?ରେ ଭିତ୍ତିଭୂମି ବିକାଶ ପାଇଁ ବ୍ୟୟବରାଦକୁ ୧୧ ଲକ୍ଷ କୋଟିରୁ ୧୨.୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହା ଦେଶର ପ୍ରଗତି ପଥକୁ ପ୍ରଶସ୍ତ କରିବ । ଦେଶରେ ୭ଟି ହାଇ-ସ୍ପିଡ୍ ରେଳ କରିଡର ସହ ପର୍ଯ୍ୟଟନର ବିକାଶ ପାଇଁ 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହସ୍ପିଟାଲିଟି' ଗଠନ କରାଯିବ । ସ୍ୱାସ୍ଥ୍ୟ କ୍ଷେତ୍ରରେ ତିନୋଟି ନୂତନ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ (ଏଆଇଆଇଏ) ସ୍ଥାପନ ହେବ। ଏହି ବଜେଟ୍ ସାମଗ୍ରିକ ଭାବେ ଏକ ସମୃଦ୍ଧ ଓ ସଶକ୍ତ ଭାରତ ଗଠନରେ ସହାୟକ ହେବ। ଏହି ବଜେଟରୁ ଓଡ଼ିଶା ଭଳି ରାଜ୍ୟ ବିଶେଷ ଭାବରେ ଲାଭବାନ ହେବ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାର ବିକାଶକୁ ଏହି ବଜେଟ୍‌ରେ ସର୍ବାଧିକ ପ୍ରାଥମିକତା ଦିଆଯାଇଛି । କେନ୍ଦ୍ର ବଜେଟ୍ ୨୦୨୬-୨୭ ଓଡ଼ିଶାକୁ ପୂର୍ବ ଭାରତର ଆର୍ଥିକ ପ୍ରଗତିର ପେଣ୍ଠସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ ଏକ ଶକ୍ତିଶାଳୀ ବ୍ଲୁପ୍ରିଣ୍ଟ ପ୍ରଦାନ କରିଛି । ବ୍ରାହ୍ମଣୀ ଓ ମହାନଦୀ ଦେଇ ତାଳଚେର-ଅନୁଗୋଳ ଠାରୁ ପାରାଦୀପ-ଧାମରା ପର୍ଯ୍ୟନ୍ତ ୫ ନମ୍ବର ଜାତୀୟ ଜଳପଥର ବିକାଶ ଏବଂ ରାଜ୍ୟରେ ନୂତନ 'ରେୟାର ଆର୍ଥ କରିଡର'ର ପ୍ରତିଷ୍ଠା ଓଡ଼ିଶାର ଶିଳ୍ପ ଓ ଖଣିଜ ଭିତ୍ତିଭୂମିକୁ ଏକ ନୂତନ ସ୍ତରକୁ ନେଇଯିବ । ପୂର୍ବୋଦୟ ରାଜ୍ୟଗୁଡ଼ିକ ପାଇଁ ଉଦ୍ଦିଷ୍ଟ 'ଇଷ୍ଟ-କୋଷ୍ଟ ଡେଭଲପମେଣ୍ଟ କରିଡର', ପୂର୍ବରେ ଦାନକୁନିରୁ ସୁରଟକୁ ସଂଯୋଗ କରୁଥିବା ନୂତନ ଫ୍ରେଟ୍ କରିଡର ଜରିଆରେ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ନିଯୁକ୍ତି ଓ ବାଣିଜ୍ୟର ବ୍ୟାପକ ସୁଯୋଗ ସୃଷ୍ଟି ହେବ । ପୂର୍ବ ଭାରତରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଡିଜାଇନ ପ୍ରତିଷ୍ଠା ରାଜ୍ୟର ଅଭିବୃଦ୍ଧିକୁ ଗତି ଦେବ । ଓଡ଼ିଶାରେ ନାଇପର ପ୍ରତିଷ୍ଠାର ମଧ୍ୟ ଯଥେଷ୍ଟ ସମ୍ଭାବନା ରହିଛି ।

# ଉତ୍କଳ ଆଲୁମିନା ପକ୍ଷରୁ ସାରଥୀ ଉତ୍ସବ ଅନୁଷ୍ଠିତ



ରାୟଗଡ଼ା : ରାୟଗଡ଼ା ଜିଲ୍ଲା ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ସାରଥୀ ଉତ୍ସବ ଆୟୋଜିତ ହୋଇଯାଇଛି । ଭାରିଯାନ ଚାଳକଙ୍କୁ ସମ୍ବର୍ଦ୍ଧିତ ତଥା ସେମାନଙ୍କୁ ସଡ଼କ ପରିବହନ ନିୟମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏହି ଅବସରରେ ରାୟଗଡ଼ା ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ବିନୟ କୁମାର ପଲ୍ ଯୋଗଦେଇଥିବା ବେଳେ ଦୋରାଗୁଡ଼ା ଏସ୍‌ଆଇ ସ୍ୱରୂପ ପ୍ରଧାନଙ୍କ ସମେତ ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ରବିନାରାୟଣ ମିଶ୍ର ଓ ଏଫ୍‌ଏଚ୍ ଲଜିଷ୍ଟିକ୍ ସମୀର ପାଢ଼ୀ ପ୍ରମୁଖ ମଞ୍ଚସ୍ଥ ଥିଲେ । କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ପଲ୍ କହିଥିଲେ ଯେ, ଦେଶର ଅର୍ଥନୈତିକ ମେରୁଦଣ୍ଡ ହେଉଛନ୍ତି ସାରଥୀ ରୂପକ ଭାରିଯାନ ଚାଳକ । ସେମାନଙ୍କ ପାଇଁ ଦେଶର ଅର୍ଥନୀତି ଗତିଶୀଳ । ତେଣୁ ସେମାନଙ୍କ ସୁରକ୍ଷା ଓ ସାମାଜିକ କଲ୍ୟାଣ ସମସ୍ତଙ୍କ ଗୁରୁଦାୟିତ୍ୱ । କ୍ରମାଗତ ଭାବେ ସଡ଼କ ଦୁର୍ଘଟଣା ବୃଦ୍ଧି ଯୋଗୁଁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହେଉଛି । ତେଣୁ ସମସ୍ତ ଚାଳକ ସଡ଼କ ନିୟମ କଡ଼ାକଡ଼ି ଭାବେ ପାଳନ ନିମନ୍ତେ ସେ ଅନୁରୋଧ କରିଥିଲେ । ଏଥିସହିତ ଉତ୍କଳ ଆଲୁମିନା ପକ୍ଷରୁ ଚାଳକଙ୍କୁ ସଚେତନତା ଓ ସମ୍ବର୍ଦ୍ଧନା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରିଥିବାରୁ ଶ୍ରୀ ପଲ୍ ଭୂୟସୀ ପ୍ରଶଂସା କରିଥିଲେ । ସେହିପରି ଏସ୍‌ଆଇ ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ କହିଥିଲେ ଯେ, ଦୋରାଗୁଡା ଥାନା ଅଧୀନରେ ଗତ ବର୍ଷ ୧୮ ଗୋଟି ଦୁର୍ଘଟଣା ଘଟିଥିବା ବେଳେ ଅନେକ ବ୍ୟକ୍ତିଙ୍କ ପ୍ରାଣହାନୀ ହୋଇଛି । ଏହାର ପ୍ରମୁଖ କାରଣ ମଦ୍ୟପ ଚାଳକ ଯୋଗୁଁ ଦୁର୍ଘଟଣା ବୃଦ୍ଧି ହୋଇଥିବା ସେ ଦର୍ଶାଇ ଥିଲେ । ଅନୁରୂପ ଭାବେ ସଭାରେ ଉଦବୋଧନ ଦେଇ ୟୁନିଟ୍ ମୁଖ୍ୟ ଶ୍ରୀ ମିଶ୍ର କହିଥିଲେ ଯେ, ମହାଭାରତରେ ସାରଥୀ ଶ୍ରୀ କୃଷ୍ଣ ଭଗବାନଙ୍କ ଭୂମିକାକୁ ସ୍ମରଣ କରିବା ସହ ଚାଳକମାନେ ମଧ୍ୟ ଅନୁରୂପ କାରଖାନାର ମେରୁଦଣ୍ଡ ବୋଲି ସେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଚାଳକମାନେ କଞ୍ଚାମାଲ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପରିବହନ କରିବା ଫଳରେ ଅର୍ଥନୀତି ଗତିଶୀଳ ହେବା ସହିତ ଦେଶ ସମୃଦ୍ଧ କରିବାରେ ସେମାନଙ୍କ ଭୂମିକା ଅତୁଳନୀୟ । ତେଣୁ ଚାଳକଙ୍କ ସୁରକ୍ଷା ସର୍ବୋପରି । ସଡ଼କ ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ଶ୍ରୀ ମିଶ୍ର ନିଜ ଅଭିଭାଷଣରେ ଗୁରୁତ୍ୱାରୋପ କରିଥିଲେ । ଏଫ୍‌ଏଚ୍ ଲଜିଷ୍ଟିକ ଶ୍ରୀ ପାଢ଼ୀ ଦ୍ରୁତ ବେଗରେ ଗାଡ଼ି ଚାଳନା, ମଦ୍ୟପାନ ନକରି ଗାଡିଚାଳନା, ସିଟବେଲ୍ଟ ପିନ୍ଧି ଗାଡ଼ି ଚାଳନା ଇତ୍ୟାଦି ସମ୍ପର୍କିତ ନିୟମ ପ୍ରତି ଗୁରୁତ୍ୱ ଦେଇ ଗାଡ଼ି ଚାଳନା ପାଇଁ ସେ ଚାଳକଙ୍କୁ ଅନୁରୋଧ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଚାଳକଙ୍କୁ ସଚେତନତା ନିମନ୍ତେ ଏକ ପାରମ୍ପାରିକ ନାଟକ ମଞ୍ଚସ୍ଥ ହୋଇଥିଲା । ଏଥିସହିତ ଅଡିଓ ଭିଜୁଆଲ ମାଧ୍ୟମରେ ଭିଡ଼ିଓ ପ୍ରଦର୍ଶନ କରାଯାଇ ଚାଳକଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା ।

ଏହି ଅବସରରେ ବିଭାଗୀୟ ମୁଖ୍ୟ ଲୋପାମୁଦ୍ରା ମିଶ୍ର, ମିରିନ୍ମୟ ମଣ୍ଡଳ, ବିଶ୍ୱଜିତ୍ ଜଓ୍ୱର୍‌ଦାର, ପିତାମ୍ବର ବେହେରା ଓ ଡା ରଞ୍ଜନ ଲେଙ୍କାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ଆଲୁମିନା ସହ ସଂଶ୍ଳିଷ୍ଟ ଠିକାଦାର ସଂସ୍ଥାରେ ପ୍ରତ୍ୟେକ୍ଷ ଭାବେ ଜଡ଼ିତ ୩୦୦ରୁ ଉର୍ଦ୍ଧ୍ୱ ଚାଳକ ଯୋଗ ଦେବା ସହିତ ୨୦୦ରୁ ଉର୍ଦ୍ଧ୍ୱ ଉତ୍କଳ ଆଲୁମିନାର କର୍ମକର୍ତ୍ତା ଏବଂ ଲଜିଷ୍ଟିକ ବିଭାଗର ସମସ୍ତ କର୍ମଚାରୀଙ୍କ ପ୍ରତେକ୍ଷ ସହଭାଗିତାରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

# ରୋମାନିଆ ଯିବେ କିସ୍‌ର ୧୦ ଛାତ୍ରୀଛାତ୍ରୀ



ଭୁବନେଶ୍ୱର : ଓଡ଼ିଶାର ଜନଜାତି ଭାଷାରେ ପରିବେଷଣ ହେବ ପ୍ରଖ୍ୟାତ ନାଟ୍ୟକାର ସେକ୍‌ସପିଅରଙ୍କ ନାଟକ । ରୋମାନିଆରେ ଏହି ନାଟକ ପରିବେଷଣ କରିବେ କିସ୍‌ର ଛାତ୍ରଛାତ୍ରୀ । ଏଥିପାଇଁ ଚାଲିଛି ବ୍ୟାପକ ପ୍ରସ୍ତୁତି । ଏଥିରେ ସାମିଲ ହୋଇଛନ୍ତି କିସ୍‌ର ୧୦ଜଣ ପିଏଚ୍‌ଡି, ସ୍ନାତକ, ସ୍ନାତକୋତ୍ତର ଓ ବିବିଏ ପଢୁଥିବା ଛାତ୍ରଛାତ୍ରୀ । ଆସନ୍ତା ମେ ମାସରେ ରୋମାନିଆର କ୍ରାୟୋଭା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ସେକ୍‌ସପିଅର ମହୋତ୍ସବରେ ଏହି ଛାତ୍ରଛାତ୍ରୀମାନେ ଯୋଗଦେଇ ସେକ୍‌ସପିଅରଙ୍କ ନାଟକକୁ ଜନଜାତି ଭାଷାରେ ପରିବେଷଣ କରିବେ । ବିଶ୍ୱ ରଙ୍ଗମଞ୍ଚରେ କିସ୍ ଛାତ୍ରଛାତ୍ରୀ ସେମାନଙ୍କ ନିଜସ୍ୱ ଭାଷାରେ ୩ଟି ସେକ୍‌ସପିଅର ନାଟକ ପରିବେଷଣ କରିବେ । ଏହା କିସ୍, ଜନଜାତି ସମାଜ ଓ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କୁହାଯାଉଛି । ଏବେ ଛାତ୍ରଛାତ୍ରୀମାନେ ନାଟକ ଅଭ୍ୟାସ ଆରମ୍ଭ କରିଛନ୍ତି । ଦୀର୍ଘ ଦୁଇମାସ ଧରି ସେମାନେ ରୋମାନିଆରେ ରହି ପୁନର୍ବାର ନାଟକ ଅଭ୍ୟାସ ଜାରି ରଖିବେ ଓ ପରିବେଷଣ କରିବେ । କୌଣସି ଶିକ୍ଷାନୁଷ୍ଠାନରୁ ଛାତ୍ରଛାତ୍ରୀ ସେକ୍‌ସପିଅରଙ୍କ ନାଟକ ଶିଖି ଅନ୍ତର୍ଜାତୀୟ ମଞ୍ଚରେ ଅଭିନୟ କରିବା ଭାରତରେ ପ୍ରଥମ ବୋଲି କୁହାଯାଉଛି । ଏଥିରେ ଖୁସିବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ସାମନ୍ତ କହିଛନ୍ତି, କିସ୍ ଛାତ୍ରଛାତ୍ରୀମାନେ ପୂର୍ବରୁ କ୍ରୀଡ଼ା ଓ ଶିକ୍ଷା ଆଦି କ୍ଷେତ୍ରରେ ଦେଶ ବିଦେଶ ଯାଇ ସୁନାମ ଆଣୁଥିଲେ । ଏବେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଅନ୍ତର୍ଜାତୀୟସ୍ତରରେ ସୁନାମ ଆଣିବେ । ଏହା ସମସ୍ତଙ୍କ ପାଇଁ ଖୁସିର ବିଷୟ ।

# ଅନ୍ତଃସ୍କୁଲ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ

ବେଲପାହାଡ଼, (ନି.ପ୍ର): ରତନ ଟାଟା ଷ୍ଟାଡିଅମ୍‌ରେ ଟିଆର୍‌ଏଲ୍ କ୍ରୋସାକି ପକ୍ଷରୁ ଓ ବି.ଆର. ହାଇସ୍କୁଲ ଦ୍ୱାରା ବେଲପାହାଡ଼ ପୌରାଞ୍ଚଳସ୍ତରୀୟ ଅନ୍ତଃସ୍କୁଲ କ୍ରୀଡ଼ା ଅନୁଷ୍ଠିତ ହୋଇଛି ।

ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବରେ ଟିଆରଏଲ୍ କ୍ରୋସାକିର ପିଆର ତଥା ସିଏସ୍‌ଆର ବିଭାଗର ବରିଷ୍ଠ ଅଧିକାରୀ ଡ. ସନ୍ତୋଷ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ।

ବି.ଆର୍ ହାଇସ୍କୁଲର ପ୍ରଧାନଶିକ୍ଷକ ତଥା କ୍ରୀଡ଼ା ଉତ୍ସବର ସଂଗଠନ ସମ୍ପାଦକ କୈଳାସ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଥିରେ ବେଲପାହାଡ଼ ପୌରାଞ୍ଚଳର ୧୪ଟି ବିଦ୍ୟାଳୟର ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏଥିରେ ବେଲପାହାଡ଼ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଦଳଗତ ଚାମ୍ପିଅନ୍ ହୋଇଥିବା ବେଳେ ବି.ଆର. ହାଇସ୍କୁଲ ଉପବିଜେତା ହୋଇଥିଲା ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ବେଲପାହାଡ଼ ଆଇଆଇସି ବିକାଶ, କଲେଥ, ସମ୍ମାନିତ ଅତିଥି ବି.ଆର. ହାଇସ୍କୁଲର ପ୍ରଧାନଶିକ୍ଷକ କୈଳାସ ପଟ୍ଟନାୟକ, ଯୁଗ୍ମ ଅଧକ୍ଷ ପ୍ରଫୁଲ୍ଲ ମହାପାତ୍ର, ବେଲପାହାଡ଼ ଥାନାର ଏସ୍‌ଆଇ ଚିତ୍ତରଞ୍ଜନ ମହାନନ୍ଦିଆ ଯୋଗଦେଇଥିଲେ । ବରିଷ୍ଠ ଶିକ୍ଷକ ରଘୁନାଥ ନାୟକ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବ ପରିଚାଳନା କରିଥିଲେ । ଶିକ୍ଷକ ଦେବେନ୍ଦ୍ର ବେହେରା, ହମିଦ ମହାପାତ୍ର, ପଞ୍ଚାନନ ପାଣିଗ୍ରାହୀ, ଲୋଚନ କଣ୍ଡରା ଆଦି ପରିଚାଳନା କରିଥିଲେ । ଉଦଯାପନୀ ଉତ୍ସବରେ ସଞ୍ଜୟ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଦୀପକ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଡାହାଣୀ ସନ୍ଦେହରେ ନିର୍ଯାତନା ବିରୋଧରେ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ




ଝାରସୁଗୁଡ଼ା ( ନି ପ୍ର)- ଜିଲ୍ଲା ପ୍ରଶାସନ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ 'ଡାହାଣୀ ସନ୍ଦେହରେ ନିର୍ଯାତନା' (Witch Hunting) ର ନିରାକରଣ ନିମନ୍ତେ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ସ୍ଥାନୀୟ ଡି.ଏମ.ଏଫ୍ ଅଡିଟୋରିୟମ ହଲ୍‌ଠାରେ ଗତ ୩୦ ତାରିଖ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜରୁ ଏହି କୁସଂସ୍କାରକୁ ମୂଳୋତ୍ପାଟନ କରିବା ପାଇଁ ବ୍ୟାପକ ସଚେତନତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପ୍ରାରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜୟନ୍ତୀ ଗର୍ଡିଆ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଡାହାଣୀ ପ୍ରଥାକୁ ଏକ ଅମାନବୀୟ ତଥା ଦଣ୍ଡନୀୟ ଅପରାଧ ଭାବେ ଅଭିହିତ କରିଥିଲେ ।ଏହି କର୍ମଶାଳାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅଲୋକମୟୀ ପ୍ରଧାନ, ଆଇନଜୀବୀ ବି. ନାଗେଶ୍ୱରୀ ଏବଂ ସେହତା ଅନୁଷ୍ଠାନର ନିର୍ଦ୍ଦେଶିକା ଆନନ୍ଦିନୀ ପାଢ଼ି ସମ୍ପଦ ବ୍ୟକ୍ତି ଭାବେ ଯୋଗଦେଇଥିଲେ । ସେମାନେ ଡାହାଣୀ ସନ୍ଦେହ ଜନିତ ହିଂସା ରୋକିବା ପାଇଁ ଥିବା କଠୋର ଆଇନ, ପୀଡ଼ିତାଙ୍କ ସୁରକ୍ଷା ବ୍ୟବସ୍ଥା ଏବଂ ଏହାର ସାମାଜିକ ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଶିଶୁ ମଙ୍ଗଳ କମିଟି ଅଧକ୍ଷ ଆଶିଷ ପଣ୍ଡା ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଯୋଗଦେଇ ଏହି ବ୍ୟାଧି ବିରୋଧରେ ସାମୁହିକ ଲଢେଇ ପାଇଁ ଆହ୍ୱାନ ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମକୁ ପି.ଓ ଯାଜ୍ଞସେନୀ ମହାନନ୍ଦ ପରିଚାଳନା କରିଥିବା ବେଳେ ଜିଲ୍ଲା ନାରୀ ସଶକ୍ତିକରଣ କେନ୍ଦ୍ରର ସଂରକ୍ଷକ ଲିଲେଶ୍ୱର ସାହୁ ଓ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ । କାର୍ଯ୍ୟଶାଳାରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଆଶା କର୍ମୀ ଓ ଅଙ୍ଗନୱାଡ଼ି କର୍ମୀମାନେ ଅଂଶଗ୍ରହଣ କରିଥିଲେ ।

# କିଟ୍‌ରେ ବିଶାଳ ରକ୍ତଦାନ ଶିବିର



ଭୁବନେଶ୍ୱର : କିଟ୍ ପକ୍ଷରୁ ଶନିବାର ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଆର୍ଟ ଅଫ୍ ଗିଭିଂର ଅନ୍ୟତମ ପ୍ରୟାସ ଭାବେ ଏହି ରକ୍ତଦାନ ପ୍ରତିବର୍ଷ ଆୟୋଜନ କରାଯାଇଥାଏ । ସକାଳ ୭ଟାରୁ ହଜାର ହଜାର କିଟ୍, କିସ୍ ଓ କିମ୍‌ସର ଛାତ୍ରଛାତ୍ରୀ ଓ କର୍ମଚାରୀ ସ୍ୱେଚ୍ଛାକୃତ ରକ୍ତଦାନ ନିମନ୍ତେ ପହଞ୍ଚିଥିଲେ । ରକ୍ତଦାନ ଶିବରକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଥିଲେ । ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରି ଶ୍ରୀ ସାମନ୍ତ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଶୁଭେଚ୍ଛା ସହ ଧନ୍ୟବାଦ ଜଣାଇଥିଲେ ।

ଏହି ରକ୍ତଦାନ ଶିବିରରେ କିମ୍‌ସ ସମେତ ଏସ୍‌ସିବି ମେଡ଼ିକାଲ୍ କଲେଜ ହସ୍ପିଟାଲ ରକ୍ତ ଭଣ୍ଡାର, କ୍ୟାପିଟାଲ୍ ହସ୍ପିଟାଲ୍ ରକ୍ତଭଣ୍ଡାର, ଭୁବନେଶ୍ୱର ବିଏମ୍‌ସି ହସ୍‌ପିଟାଲ୍, କଟକସ୍ଥିତ ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ୍ ବ୍ୟାଙ୍କ, ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା, ଯାଜପୁର, ଢେଙ୍କାନାଳ, କେନ୍ଦ୍ରାପଡ଼ା, ପୁରୀ, ଅନୁଗୋଳ, କେନ୍ଦୁଝର ଓ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ସମେତ କିମ୍‌ସ ରକ୍ତଭଣ୍ଡାରର କର୍ମଚାରୀ ଓ ଡାକ୍ତର ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିର ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ମୋଟ ୪ ହଜାର ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଡା. ସିବିକେ ମହାନ୍ତି, ପ୍ରଫେସର କେ ଡ଼ି ରାଜୁ, କିମ୍‌ସ ମେଡିକାଲ କଲେଜ ଅଧକ୍ଷ ପ୍ରଫେସର ଆର ସି ଦାସ, କିମ୍‌ସ ମେଡିକାଲ ଅଧୀକ୍ଷକ ଡା. ମାନସ ବେହେରା, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିମ୍‌ସ ଗ୍ରୁପ୍ ଡାଇରେକ୍ଟର ଡ. ଦିଲ୍ଲୀପ ପଣ୍ଡାଙ୍କ ସମେତ କିଟ୍ ଓ କିମ୍‌ସର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

ଏଥିରେ କିଟ୍ ଅନୁଷ୍ଠାନ ସମୂହ ଓ କିସ୍‌ର ଛାତ୍ରଛାତ୍ରୀ ଓ କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ । ଗୋଟିଏ ଦିନରେ ରେକର୍ଡ ସଂଖ୍ୟକ ରକ୍ତଦାନ ହୋଇପାରିଛି । ସ୍ୱେଚ୍ଛାକୃତ ରକ୍ତଦାନକାରୀମାନେ ଯେପରି ଶୃଙ୍ଖଳିତର ସହ ରକ୍ତଦାନ କରିପାରିବେ ସେଥିପାଇଁ କିମ୍‌ସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା ।

# ରାଷ୍ଟ୍ରପତିଙ୍କୁ ଭେଟିଲେ ଝାରସୁଗୁଡ଼ାର ଝିଅ ଖୁସବୁ



ଝାରସୁଗୁଡ଼ା( ନି ପ୍ର) - ଜିଲ୍ଲାର ଜଣେ ଦକ୍ଷ ତଥା ନିଷ୍ଠାପର 'ଆପଦା ମିତ୍ର' ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରୁଥିବା ଖୁସବୁ ଜୟପୁରିଆ ନିଜର ଅସାଧାରଣ ସେବା ପାଇଁ ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛନ୍ତି । ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୨୦୨୬ ସାଧାରଣତନ୍ତ୍ର ଦିବସ ସମାରୋହରେ ଯୋଗଦେବା ପାଇଁ ତାଙ୍କୁ ମହାମହିମ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ନିମନ୍ତ୍ରଣ ମିଳିଥିଲା ।

ଏହି ଅବସରରେ ସେ ରାଷ୍ଟ୍ରପତି ଭବନରେ ଆୟୋଜିତ 'ଏଟ୍ ହୋମ୍' (At Home) ସମ୍ବର୍ଦ୍ଧନା ସଭାରେ ମଧ୍ୟ ଅଂଶଗ୍ରହଣ କରିବାର ବିରଳ ସୁଯୋଗ ପାଇ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଖୁସବୁଙ୍କର ଏହି ଗର୍ବର ବିଷୟକୁ ସମ୍ମାନ ଜଣାଇ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ୩୦ ତାରିଖ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଖୁସବୁଙ୍କୁ ଫଳ ଟୋକେଇ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଏହି ସଫଳତା ଅନ୍ୟ ସ୍ୱେଚ୍ଛାସେବୀଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି ମତବ୍ୟକ୍ତ କରିଛନ୍ତି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଖୁସବୁଙ୍କ ସେବା ମନୋଭାବ ଓ ନିରନ୍ତର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଶହୀଦ ଦିବସ ପାଳିତ




ଝାରସୁଗୁଡ଼ା( ନି ପ୍ର)- ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗତ ୩୦ ତାରିଖ ଶହୀଦ ଦିବସ ଅବସରରେ ଦେଶ ପାଇଁ ପ୍ରାଣବଳି ଦେଇଥିବା ଅମର ଶହୀଦମାନଙ୍କ ସ୍ମୃତି ଚାରଣ କରାଯାଇଛି । ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶର ବୀର ସନ୍ତାନମାନଙ୍କ ସମ୍ମାନାର୍ଥେ ୨ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇଥିଲା ।

ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ପି ଡି ଆର୍ ଆଣ୍ଡ ଆର ଲଳିତ ସୋରେଙ୍ଗ ପ୍ରମୁଖ ଯୋଗଦେଇ ଶହୀଦମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏଥିସହ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

### ପ୍ରାଇଡ ଅଫ ଓଡିଶା ସମ୍ମାନ ଉତ୍ସବରେ ଯୋଗଦେଲେ ରାଜ୍ୟପାଳ

# ଅନ୍ୟମାନଙ୍କୁ ସେବା କରିବାରେ ପ୍ରକୃତ ମହାନତା ନିହିତ :ରାଜ୍ୟପାଳ




ଭୁବନେଶ୍ୱର : ଅନ୍ୟମାନଙ୍କ ପାଇଁ ସେବା କରିବାରେ ପ୍ରକୃତ ମହାନତା ନିହିତ ଥାଏ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଶନିବାର ଦିନ ଅର୍ଗସ୍ ନ୍ୟୁଜ୍ ଦ୍ୱାରା ଭୁବନେଶ୍ୱର ଠାରେ ଆୟୋଜିତ 'ପ୍ରାଇଡ ଅଫ ଓଡ଼ିଶା ସମ୍ମାନ ଉତ୍ସବ '- ସିଜିନ୍ ୨.୦ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତି ବିଶେଷଙ୍କୁ ରାଜ୍ୟପାଳ ସମ୍ମାନ ପ୍ରଦାନ କରିଥିଲେ ।

ଏହି ସମାରୋହରେ ଉଦବୋଧନ ଦେଇ କାର୍ଯ୍ୟକ୍ରମକୁ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ ଭାବରେ ରାଜ୍ୟପାଳ ବର୍ଣ୍ଣନା କରି କହିଥିଲେ ଯେ, ଏହା ସାହସ, କରୁଣା ଏବଂ ପ୍ରତିବଦ୍ଧତା ମାଧ୍ୟମରେ ସମାଜକୁ ପରିବର୍ତ୍ତନ କରିଥିବା ବ୍ୟକ୍ତିମାନଙ୍କୁ ସ୍ୱୀକୃତି ଦିଏ। ଏହି କାର୍ଯ୍ୟକ୍ରମ କେବଳ ଏକ ସମ୍ମାନ ପ୍ରଦାନ ସମାରୋହ ନୁହେଁ, ବରଂ ନୀରବ ପରିବର୍ତ୍ତନକାରୀଙ୍କ ପ୍ରତି ସମ୍ମାନ, ଯାହାଙ୍କ ପ୍ରୟାସ ଓଡ଼ିଶାର ଆତ୍ମାକୁ ଦୃଢ଼ କରିଛି।

ଏହି ପଦକ୍ଷେପକୁ ପରିକଳ୍ପନା କରି ସାକାର କରିଥିବାରୁ ଅର୍ଗସ୍ ନ୍ୟୁଜ୍ କୁ ରାଜ୍ୟପାଳ ପ୍ରଶଂସା କରି ଉଲ୍ଲେଖ କରିଥିଲେ ଯେ, ଯେତେବେଳେ ଖବର ପ୍ରାୟତଃ ଦ୍ୱନ୍ଦ୍ୱ ଏବଂ ଚ୍ୟାଲେଞ୍ଜକୁ ମୁଖ୍ୟ ଅଂଶ କରିଥାଏ, ସେତେବେଳେ ସାମାଜିକ ବିକାଶରେ ଏକ ମିଡ଼ିଆ ହାଉସ୍ ସକାରାତ୍ମକ ଅବଦାନ ଦେବା ଉତ୍ସାହଜନକ।ସମାଜ ପାଇଁ ଅସାଧାରଣ ଅବଦାନ ଦେଇଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରି ଚ୍ୟାନେଲ୍ ପ୍ରଦର୍ଶନ କରିଛି ଯେ ଗଣମାଧ୍ୟମ ପରିବର୍ତ୍ତନର ଏକ ଶକ୍ତିଶାଳୀ ଉପକରଣ ହୋଇପାରେ।

ପୁଣି ରାଜ୍ୟପାଳ କହିଥିଲେଯେ, ଆଜିର ଦ୍ରୁତ ଗତିଶୀଳ, ପ୍ରଯୁକ୍ତିବିଦ୍ୟା-ଚାଳିତ ବିଶ୍ୱରେ ଲୋକମାନେ ପ୍ରାୟତଃ ସଫଳତା ଏବଂ ପ୍ରତିଷ୍ଠା ପଛରେ ପଡ଼ିଯାଆନ୍ତି କ୍ଷ କେତେକ ସମୟରେ ନୈତିକ ମୂଲ୍ୟବୋଧ ଏବଂ ସାମାଜିକ ଦାୟିତ୍ୱକୁ ଅଣଦେଖା କରନ୍ତି। ସମାଜରେ ସମ୍ବେଦନଶୀଳତା ହ୍ରାସ ପାଇବା ଉପରେ ଚିନ୍ତା ପ୍ରକାଶ କରି ରାଜ୍ୟପାଳ କହିଛନ୍ତି ଯେ ଦୁଃଖଦ ମୁହୂର୍ତ୍ତରେ କିଛି ବ୍ୟକ୍ତି ସାହାଯ୍ୟ ପ୍ରଦାନ କରିବା ପରିବର୍ତ୍ତ ? ଘଟଣା ରେକର୍ଡ କରିବାକୁ ପସନ୍ଦ କରନ୍ତି।

ଜଳବାୟୁ ପରିବର୍ତ୍ତନ, ମହିଳା ଏବଂ ଶିଶୁଙ୍କ ବିରୁଦ୍ଧରେ ଅପରାଧ ଏବଂ ସାମାଜିକ ଅସମାନତା ଭଳି ଚ୍ୟାଲେଞ୍ଜଗୁଡ଼ିକ ଉପରେ ରାଜ୍ୟପାଳ ଆଲୋକପାତ କରି କହିଛନ୍ତିଯେ, ଏ ସବୁର ନିରାକରଣ ପାଇଁ ସରକାର ନିରନ୍ତର ପ୍ରୟାସ କରୁଥିବା ବେଳେ ନାଗରିକମାନଙ୍କୁ ମଧ ଦାୟିତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ପଡିବ। 'ସେବା ପରମ ଧର୍ମ' ନୀତିକୁ ଆପଣେଇ କାର୍ଯ୍ୟ କରୁଥିବା ଲୋକମାନଙ୍କୁ ପ୍ରଶଂସା କରି ସେମାନଙ୍କୁ ସମାଜର ପ୍ରକୃତ ନାୟକ ଭାବରେ ରାଜପାଳ ବର୍ଣ୍ଣନା କରିଛନ୍ତି।

ସମ୍ମାନପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଛନ୍ତି ଯେ ସେମାନଙ୍କର ନିଃସ୍ୱାର୍ଥପର ସେବା ରାଜ୍ୟବ୍ୟାପୀ ଅଗଣିତ ଜୀବନ ପାଇଁ ଆଶା, ମର୍ଯ୍ୟାଦା ଏବଂ ସୁଯୋଗ ଆଣିଛି। ରାଜ୍ୟପାଳ ଉଲ୍ଲେଖ କରିଛନ୍ତି ଯେ, ଶିକ୍ଷା, ସାମାଜିକ ସୁରକ୍ଷା, ପରିବେଶ ସଂରକ୍ଷଣ ଏବଂ ଅବହେଳିତଙ୍କ ଯତ୍ନ ଭଳି ବିବିଧ କ୍ଷେତ୍ରକୁ ପ୍ରତିନିଧିତ୍ୱ କରୁଥିବା ସମ୍ମାନିତ ବ୍ୟକ୍ତିମାନେ କରୁଣା ଏବଂ ପ୍ରତିବଦ୍ଧତା ମନୋଭାବର ଉଦାହରଣ ଅଟନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ରିପୋର୍ଟ ପ୍ରଦାନ

# 'ସମୀକ୍ଷା' ପୋର୍ଟାଲ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର( ସ୍ୱ ପ୍ର) : ଷଷ୍ଠ ରାଜ୍ୟ ଅର୍ଥ କମିଶନର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚୂଡ଼ାନ୍ତ ରିପୋର୍ଟ ଗତ ୨୮ ତାରିଖ ପ୍ରଦାନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ସମୀକ୍ଷା' ପୋର୍ଟାଲର ମଧ ଉନ୍ମୋଚନ କରିଛନ୍ତି, ଯାହା ରାଜ୍ୟ ଅର୍ଥ କମିଶନ (SFC) ଏବଂ କେନ୍ଦ୍ର ଅର୍ଥ କମିଶନ (CFC) ଅନୁଦାନ ଅଧୀନରେ ରାସ୍ତା, ପାନୀୟ ଜଳ ଯୋଗାଣ, ପରିମଳ, ରାସ୍ତା ଆଲୋକୀକରଣ, ପାର୍କ ଏବଂ ସାଧାରଣ ଉପଯୋଗୀତା ଇତ୍ୟାଦି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନର ଅଗ୍ରଗତି ବିଷୟରେ ପ୍ରକୃତ ସୂଚନା ପ୍ରଦାନ କରିବ । ନାଗରିକ, ନିର୍ବାଚିତ ପ୍ରତିନିଧି କିମ୍ବା ଯେକୌଣସି ବ୍ୟକ୍ତି https://samikshya.odisha.gov.in ଲିଙ୍କ୍ ମାଧ୍ୟମରେ ପୋର୍ଟାଲରେ ପ୍ରବେଶ କରି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନର ପ୍ରଗତି ତଦାରଖ କରିପାରିବେ ।

ବୈଠକରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ, ଓଡ଼ିଶାର ଆର୍ଥିକ ମାନଦଣ୍ଡ, ପଞ୍ଚାୟତ ସ୍ତରର ଢାଞ୍ଚା ପରିବର୍ତ୍ତନ, ଜନସାଧାରଣଙ୍କ ଜୀବନଧାରଣାର ମାନ ବୃଦ୍ଧି, ପ୍ରତ୍ୟେକ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ସ୍ଥିତି ସୁଧାରିବାକୁ ତତ୍‌ସହିତ ସମୃଦ୍ଧ ଓଡ଼ିଶାର ଭିତ୍ତି ସୁଦୃଢ଼ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ସୂଚନା ଯୋଗ୍ୟଯେ, କମିଶନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରିପୋର୍ଟରେ ଏକ ପୂର୍ବାନୁମାନଯୋଗ୍ୟ ଏବଂ ସୂତ୍ର-ଭିତ୍ତିକ ବ୍ୟବସ୍ଥା ମାଧ୍ୟମରେ ସ୍ଥାନୀୟ ସଂସ୍ଥାଗୁଡ଼ିକର ଆର୍ଥିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସମାନତା ବିଚାର, ଆଞ୍ଚଳିକ ବୈଷମ୍ୟ, ଗ୍ରାମୀଣ ଏବଂ ସହରାଞ୍ଚଳର ସ୍ଥାନୀୟ ପୃଥକ ଆବଶ୍ୟକତା ପ୍ରତି ବିଶେଷ ଧାନ ଦିଆଯାଇଛି । କମିଶନ ସ୍ଥାନୀୟ ସଂସ୍ଥାଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ଆର୍ଥିକ ଏବଂ ଅଣ-ଆର୍ଥିକ ଉଭୟ ସୁପାରିଶ କରିଛନ୍ତି।

ଏହି ବୈଠକରେ, ମାନ୍ୟବର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ ମିଶ୍ର, ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ସଚିବ ବିଶାଲ ଦେବ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ସଚିବ ଗିରିଶ ଏସ.ଏନ ପ୍ରମୁଖ ଉପସ୍ଥିତ ଥିଲେ ।କମିଶନ ର ଅଧକ୍ଷ ଡକ୍ଟର ଅରୁଣ କୁମାର ପଣ୍ଡା ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ ।

# ଅସହାୟ ୪ ଶିଶୁଙ୍କୁ ସାହା ହେବ କିଏ ?



ମୋହନା : କଥାରେ ଅଛି ଯାହାର ମା, ବାପା ନାହିଁ ।ତାର କେହି ନାହିଁ । ଗତ ୪ ବର୍ଷ ତଳେ ମା ନିଜର ୪ କୋମଳ ମତି ଛୁଆଙ୍କୁ ଛାଡି ଅନ୍ୟ ପୁରୁଷଙ୍କୁ ପ୍ରେମ କରି ଚାଲିଗଲେ । ପିଲାଙ୍କୁ ଦୁଇ ମୁଠା ଖାଇବାକୁ ଦେବାପାଇଁ ବାପା ଚାଲିଗଲେ ଦାଦନ ଖଟିବାକୁ । ହେଲେ ଗୋଆରେ ଦାଦନ ଖଟୁଥିବା ବେଳେ ବାପା ଚାଲିଗଲେ ଆରପାରିକୁ । ଏବେ ଗୋଟିଏ ଭଙ୍ଗା ଘରେ ଅସହାୟ ଅବସ୍ଥାରେ ଅଛନ୍ତି ୪ ଶିଶୁ ।ଏହି ଅସହାୟ ୪ ଶିଶୁଙ୍କୁ ସାହା ହେବ କିଏ । ଗଜପତି ଜିଲ୍ଲା ମୋହନା ବ୍ଲକ ଲୁଡୁରୁ ଗାଁରୁ ଦେଖିବାକୁ ମିଳିଛି ଏଭଳି ହୃଦୟ ବିଦାରକ ଦୃଶ୍ୟ ।ଗଜପତି ଜିଲ୍ଲା ମୋହନା ବ୍ଲକ ଲୁଡୁରୁ ଗାଁର ମାର୍ସଲ ନାୟକ ପ୍ରାୟ ୧୫ ବର୍ଷ ତଳେ ସାବିତ୍ରୀ ନାୟକ ଙ୍କୁ ବିବାହ କରିଥିଲେ ।ତାଙ୍କର ଗୋଟିଏ ପୁଅ ଓ ୩ ଟି ଝିଅ ଅଛନ୍ତି ।ତେବେ ଗତ ୪ ବର୍ଷ ତଳେ ସ୍ତ୍ରୀ ସାବିତ୍ରୀ ଅନ୍ୟ ପୁରୁଷ ଙ୍କ ସହ ପ୍ରେମ ବିବାହ କରି ଚାଲିଗଲେ । ସେତେବେଳେ ସବା ସାନ ଝିଅକୁ ମାତ୍ର ଏକ ବର୍ଷ ହୋଇଥିଲା ।୪ ପୁଅ, ଝିଅଙ୍କୁ ଧରି କଷ୍ଟରେ ଜୀବନ କାଟୁଥିଲେ ମାର୍ସଲ ।ଏହାରି ଭିତରେ ବଡ଼ ଝିଅ ନୟନୀ ନବମ ଶ୍ରେଣୀ ରେ ପଢିଥିବା ବେଳେ ପୁଅ ଟିକୁ ସପ୍ତମ ଓ ମଝିଆ ଝିଅ ଜନନୀ ତୃତୀୟ ଶ୍ରେଣୀରେ ପଢୁଛନ୍ତି । ସାନ ଝିଅ ମାନିନୀ ଅଙ୍ଗନବାଡି କେନ୍ଦ୍ରକୁ ଯାଉଛି କ୍ଷ ଆର୍ଥିକ ଅନାଟନ ଯୋଗୁଁ ପିଲାଙ୍କୁ ଦୁଇ ମୁଠା ଖାଇବାକୁ ଦେବା ପାଇଁ ଗତ କିଛି ବର୍ଷ ତଳେ ବାପା ମାର୍ସଲ ଦାଦନ ଖଟିବାକୁ ଗୋଆ ଚାଲିଗଲେ ।ପିଲାଙ୍କ ଦାୟିତ୍ୱ ନେଉଥିଲେ ଗାଁରେ ଥିବା ପିଉସୀ କ୍ଷ ହେଲେ ଗତ ୨ ତାରିଖ ଦିନ ଗୋଆ ରେ ବାପା ମାର୍ସଲ ଙ୍କ ଆକସ୍ମିକ ମୃତ୍ୟୁ ଘଟିଛି କ୍ଷ ଫଳରେ ୪ ଛୁଆ ଏବେ ଅସହାୟ ଅବସ୍ଥାରେ ଏକ ଭଙ୍ଗା ଦଦରା ଘରେ ରହୁଛନ୍ତି । ନବମ ଶ୍ରେଣୀରେ ପଢୁଥିବା ବଡ଼ ଝିଅ ନୟନୀ ହିଁ ଏବେ ଭାଇ,ଓ ୨ ଭଉଣୀଙ୍କ ଦାୟିତ୍ୱ ନେଉଥିବା ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ ହୋଇଥିବା ବେଳେ ତାଙ୍କୁ ସରକାର ସହାୟତା ପ୍ରଦାନ ପାଇଁ ନିବେଦନ କରିଛନ୍ତି ଅସହାୟ ଶିଶୁ ଓ ଗ୍ରାମବାସୀ । ସରକାର ରାସନ କାର୍ଡ ରେ କେବଳ ୨୦ କିଲୋ ଚାଉଳ ଦେଉଛନ୍ତି । ବର୍ତ୍ତମାନ ମା, ବାପା ଙ୍କୁ ହରାଇ ଅନାଥ ହୋଇଯାଇଥିବା ୪ ଛୁଆଙ୍କୁ ସରକାର ସାହାଯ୍ୟ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ । ଏନେଇ ମୋହନା ବିଡ଼ିଓ ରାଜୀବ ଦାସ ଙ୍କୁ ପଚାରି ବାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଙ୍କ ସହ ଯୋଗାଯୋଗ କରାଯାଇଛି । ୪ ଶିଶୁ ଙ୍କୁ ଉଦ୍ଧାର କରି ସରକାରୀ ବ୍ୟବସ୍ଥା ଅନୁଯାୟୀ ଥଇଥାନ କରାଯିବ ବୋଲି କହିଛନ୍ତି ।

# ଗାନ୍ଧୀ ମହାପ୍ରୟାଣ ଦିବସ ପାଳିତ



ଝାରସୁଗୁଡ଼ା, (ସ୍ୱ.ପ୍ର):ଝାରସୁଗୁଡ଼ା ଜିଲ୍ଲା ଗାନ୍ଧୀ ବିଚାର ମଞ୍ଚ ଓ ସ୍ଥାନୀୟ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ପୁରୁଣା ବସଷ୍ଟାଣ୍ଡସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତି ପାଖରେ ଗାନ୍ଧୀ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି । ବାପୁଜୀଙ୍କ ଅହିଂସା, ଦୟା, ସତ୍ୟ ଓ ନ୍ୟାୟକୁ ପାଥେୟ କରି ଦେଶର ପ୍ରଗତି ସମ୍ଭବ ବୋଲି ଉପସ୍ଥିତ ଲୋକେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲଗୋବିନ୍ଦ ମିଶ୍ର, ରୂପାନନ୍ଦ ଚୌଧୁରୀ, ଏଲଏନ୍ କଲେଜର ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର ପଣ୍ଡା, ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ସରୋଜ କୁଅଁର, ସନ୍ତୋଷ ସାହୁ, ପ୍ରାଧାପକ ତପନ ବାରିକ, ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ଲଳିତ ମଗର, ଅଧାପିକା ମନ୍ଦାକିନୀ ଶତପଥୀ, ଶତ୍ରୁଘ୍ନ ମେହେର, ସନାତନ ମହାନନ୍ଦ, ଡୋଳାମଣି ମହାନନ୍ଦ, ଜ୍ୟୋତିର୍ମୟୀ ବେହେରା, ରାଜେଶ ଦାଶ, ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ଶୁଚିସ୍ମିତା ଗୁରୁ, ସରୋଜ ତିୱାରୀ, ଆଦିତ୍ୟ ଷଡ଼ଙ୍ଗୀ, ଲାଲୁ ବେହେରା, ସଞ୍ଜୟ ଗନିଆଁ, ମନୋଜ ତାଣ୍ଡି ପ୍ରମୁଖ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



ବଲାଙ୍ଗୀର କୋଶଳ କଳା ମଣ୍ଡଳ ଠାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଏବଂ କୃଷି ଯନ୍ତ୍ରପାତି ମେଳା ଉଦ୍ଘାଟନ ହୋଇଛି । ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ, ଏହି ମେଳାରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ, ଓଡିଶା କନକ ବର୍ଦ୍ଧନ ସିଂହଦେଓ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ଜିଲ୍ଲାପରିଷଦ ଅଧକ୍ଷା ଦେବକୀ ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା, ମୁଖ୍ୟ ଯନ୍ତ୍ରୀ, ସମ୍ବଲପୁର ନରେନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିଲେ। ଜିଲ୍ଲାପାଳ ନିଜର ବକ୍ତବ୍ୟରେ କହିଥିଲେ ଆମର ପାରମ୍ପରିକ ଜ୍ଞାନ ଓ ଆଧୁନିକ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ କୃଷକଙ୍କ ଜୀବନ ଜୀବିକା ଓ ବିତ୍ତୀୟ ଅଭିବୃଦ୍ଧି ହୋଇପାରୁଛି । ଜୈବିକ ଚାଷ ପ୍ରଣାଳୀ ଦ୍ୱାରା ବିଭିନ୍ନ ଚାଷ କରି ଚାଷୀ ମାନେ ଅଧିକ ପରିମାଣରେ ଲାଭ ପାଇପାରିବେ, ସେଥିପାଇଁ ଜିଲ୍ଲାପ୍ରଶାସନ ଚେଷ୍ଟା କରୁଛି । ଏହି ମେଳା ମାଧ୍ୟମରେ ଚାଷୀ ମାନଙ୍କୁ ନୂତନ ଚାଷ ପଦ୍ଧତି ଏବଂ ଚାଷ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ଗୁଡିକ ବିଷୟରେ ଅବଗତ କରାଯାଉଛି । ଆଗାମୀଦିନରେ ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ଯନ୍ତ୍ରପାତି ବ୍ୟବହାର କରି ଚାଷୀମାନେ ଅଧିକ ଲାଭବାନ ହୋଇପାରିବେ । ସେହିପରି ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଗୁଡିକରେ ଜନସାଧାରଣ କିପରି ଅଧିକ ଲାଭବାନ ହୋଇପାରିବେ, ସେଥିନିମନ୍ତେ ଗ୍ରାମ ପଞ୍ଚାୟତ ଠାରୁ ଆରମ୍ଭ କରି ଜିଲ୍ଲା ସ୍ତରୀୟ ମେଳାଗୁଡ଼ିକର ବ୍ୟବସ୍ଥା କରାଯାଇ ଚାଷୀଙ୍କୁ ଜଡିତ କରାଯାଉଅଛି । ଜିଲ୍ଲାର ବିଭିନ୍ନ ଗ୍ରାମ ତଥା ରାଜ୍ୟସ୍ତରରେ ପାରମ୍ପରିକ ଚାଷ କାମରେ ବ୍ୟବହୃତ ପୁରାତନ ଯନ୍ତ୍ରପାତି ସଂଗ୍ରହ କରି ଆଗାମୀ ଦିନରେ ଜିଲ୍ଲା ମୁଖ୍ୟାଳୟରେ ଏକ ସଂଗ୍ରହାଳୟ ନିର୍ମାଣ କରାଯିବ । ଯାହା ଦ୍ୱାରା ଜନସାଧାରଣଙ୍କୁ ଅବଗତ କରାଯିବ ଯେ ସମୟ ସହ ପରିବର୍ତ୍ତନ ହେବାକୁ ପଡିବ ଏବଂ ପୁରୁଣା ପଦ୍ଧତି ନ ଭୁଲି ଆଗକୁ ବଢିବାର ଅଛି ବୋଲି ମୁଖ୍ୟ ଅତିଥି କହିଥିଲେ । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସାରଦା ପ୍ରସାଦ ସିଂ ବରିହା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରଫୁଲ କୁମାର କହର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସଫଳ ଚାଷୀ ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।

## ନୂଆଛର୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଆଦିବାସୀ କ୍ଲବ ଲେଟୁଆପଡ଼ା ଚାମ୍ପିଅନ



ଲଖନପୁର, (ସ୍ୱ.ପ୍ର): ଲଖନପୁର ବ୍ଲକ ଅନ୍ତର୍ଗତ ନୂଆଛର୍ଲା ଜ୍ୟୋତି ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ଅଷ୍ଟମ ତ୍ରିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି ।

ଟୁର୍ଣ୍ଣାମେଣ୍ଟରେ ଝାରସୁଗୁଡ଼ା, ସମ୍ବଲପୁର, - ସୁନ୍ଦରଗଡ ଜିଲ୍ଲାର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଆଦିବାସୀ କ୍ଲବ ଲେଟୁଆପଡ଼ା ବନାମ ତଳିବାହାଲ -ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଲେଟୁଆପାଡ଼ ୪-୩ ଗୋଲରେ ଚାମ୍ପିଅନ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ଥରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ, ଏମ୍‌ସିଏଲ୍ ଲଖନପୁର ଏରିଆ ।

ମହାପ୍ରବନ୍ଧକ ଅଧ କିଶୋର ପାଣ୍ଡେ, ବିଜେପି ଜିଲ୍ଲା ସଭାପତି ରଘୁ ନନ୍ଦନ ପଣ୍ଡା, ଏମ୍ ସିଏଲ୍ ଲଖନପୁର କ୍ଷେତ୍ର ଏରିଆ ପର୍ଶନାଲ ମ୍ୟାନେଜର ଏସ୍ ପ୍ରଦୀପ କୁମାର, ନିରଞ୍ଜନ ପଟେଲ, ବନ୍ଧବାହାଲ ଫାଣ୍ଡି ଅଧିକାରୀ ଗଣେଶ କଲେତ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଖେଳ ପରିଚାଳକ ଭାବରେ ସଂଜିବ ବାରିକ, ନବୀନଚନ୍ଦ୍ର ଦେଓ, ପରମେଶ୍ୱର ପଧାନ, ଅରୁଣ ପଧାନ, କିଶୋର ମାଝି, ଡାକ୍ତର ଓରାମ, ଯଦୁମଣି ନାଏକ, ମେଘନାଥ ଓରାମ ଖେଳ ପରିଚାଳନା କରିଥିଲେ। ଆୟୋଜନ ଓ ପରିଚାଳନାରେ ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ସାମିଲ ନାଏକ, ସରଣ୍ଡାମାଲ ସମିତି ସଭ୍ୟ ରାଜେଶ୍ୱ ର ସିଂହ, ଯୁବକ ସଂଘର ସଦସ୍ୟ ବାବୁଲୁ ଓରାମ, ଗୌରାଙ୍ଗ ରଣା, ପ୍ରଶାନ୍ତ ସିଂ, ନରେଶ ବୁଢ଼ା, ଗଙ୍ଗା ବାଗ, ତେଜରାଜ ଭଇଁସାଲ ପ୍ରମୁଖ ସହଯୋଗ କରିଥିଲେ।

# ଚୋରି ସୁନାଗହଣା ଜବତ, ଗିରଫ ସଂଖ୍ୟା ୫କୁ ବୃଦ୍ଧି



ବ୍ରଜରାଜନଗର, (ସ୍ୱ.ପ୍ର): ବ୍ରଜରାଜନଗର ଥାନା ଅନ୍ତର୍ଗତ ହିଲଟପ୍ କଲୋନି ଅଞ୍ଚଳରେ ଜଣେ ଯୁବକଙ୍କଠାରୁ ଛୁରି ଦେଖାଇ ସୁନା ଗହଣା ଲୁଟ୍ କରିବା ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୪ ଜଣ ଲୁଟେରା ଏବଂ ଜଣେ ଚୋରା ସାମଗ୍ରୀ କ୍ରେତା ଅଛନ୍ତି। ଚୋରି ଅଭିଯୁକ୍ତମାନେ ହେଲେ ଗଙ୍ଗାନଗର ଅଞ୍ଚଳର ଗଙ୍ଗାଧର କିଷାନ ଓରଫ ବିଲ୍ଲୁ (୨୧), ବଜରଙ୍ଗ ଖମାରୀ (୨୨), ଆକାଶ ଯାଦବ (୨୩) ଓ ସମ୍ବଲପୁର ବୁର୍ଲାର କାହ୍ନା ଶିଖା (୧୯)। ଛତିଶଗଡ଼ ରାୟଗଡ଼ର କୈଳାସ ଅଗ୍ରୱାଲ (୪୬, ଏହି ଚୋରି ସାମଗ୍ରୀ କରିଥିଲେ । କୈଳାସଙ୍କ ପାଖରୁ ପୁଲିସ ଗୋଟିଏ ୨୦ ଗ୍ରାମ ଓଜନର ସୁନା ଚେନ, ଚେନ୍‌ରେ ଲାଗିଥିବା ଗୋଟିଏ ଲକେଟ, ପ୍ରାୟ ୫ ଗ୍ରାମ ଓଜନର ଗୋଟିଏ ସୁନା ମୁଦି ଜବତ କରିଛି। ପୂର୍ବରୁ ଗତ ୨୮ ତାରିଖରେ ଅଭିଯୁକ୍ତ ଗଙ୍ଗାଧର କିଷାନ, କାହ୍ନା ଶିଖା ଓ ବଜରଙ୍ଗ ଖମାରୀଙ୍କୁ କୋର୍ଟ ଚାଲାଣ ହୋଇଥିବା ବେଳେ ଆକାଶ ଓ ବ୍ୟବସାୟୀ କୈଳାସଙ୍କୁ ଅଜି କୋର୍ଟ ଚାଲାଣ କରାଯାଇଥିବା ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ସୂଚନା ଦେଇଛନ୍ତି ।

ସୂଚନା ଅନୁସାରେ, ଗତ ୨୭ ତାରିଖରେ କମଲ ଗୋୟଲଙ୍କ ପୁଅଙ୍କୁ ଦୁର୍ବୃତ୍ତମାନେ ଛୁରି ଦେଖାଇ ସୁନା ଚେନ୍ ଓ ମୁଦି ଲୁଟି ନେଇଥିଲେ । ପୁଲିସ ଦୁଇଟି ଟିମ୍ ଗଠନ କରି ମୁଖ୍ୟ ଅଭିଯୁକ୍ତ ଆକାଶ ଯାଦବକୁ ଧରିବା ପରେ ତା' ସୂଚନା ଆଧାରରେ ଅନ୍ୟ ଅଭିଯୁକ୍ତଙ୍କୁ ଧରିଥିଲା । ସେହିପରି ଅଭିଯୁକ୍ତ ଗଙ୍ଗାଧର ଓ ଆକାଶ ଗତ ୩ ତାରିଖରେ ସନ୍ତୋଷିପଡ଼ାର ଗଣେଶୀ ବର୍ମାଙ୍କ ଘରୁ ଚୋରି ମାମଲାରେ ମଧ ସମ୍ପୃକ୍ତ ଥିଲେ। ଏହି ଘଟଣାରେ ପୁଲିସ ସେମାନଙ୍କଠାରୁ ନଗଦ ୪ହଜାର ଟଙ୍କା ଓ ୨ଟି ମୋବାଇଲ ଫୋନ ଜବତ କରିଛି ।

# ଗହଣା ବ୍ୟବସାୟୀଙ୍କୁ ୬ କୋଟି ଠକେଇ

କଟକ: ଅନ୍‌ଲାଇନ୍ ଟ୍ରେଡିଂରେ ଗଞ୍ଜାମଜିଲ୍ଲାବ୍ରହ୍ମପୁରର ଜଣେ ଗହଣା ବ୍ୟବସାୟୀଙ୍କର ୬ କୋଟି ୧୬ ଲକ୍ଷ ୩୭ ହଜାର ୮୪ ଟଙ୍କା ଗାଏବ ହୋଇଥିଲା। ଏହି ମାମଲାରେ ମୁଖ୍ୟ କାର୍ପଟଦାର ଭୁବନେଶ୍ୱରରେ ରହୁଥିବା ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଶ୍ରୀନଗର ଅଞ୍ଚଳନିବାସୀ ବେଦଗିରି ଶ୍ରୀନିବାସ ରାଓ(୩୯)କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ଏହି ଘଟଣାରେ ଶ୍ରୀନିବାସକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୬ ଜଣଙ୍କୁ ଗିରଫ କଲାଣି କ୍ରାଇମବ୍ରାଞ୍ଚ। ସାଇବର୍ ଠକ ଫେସ୍‌ବୁକ୍ ପ୍ରୋଫାଇଲ୍‌ରେ ସଂଜନା ଶ୍ରୀନିବାସ ନାଁରେ ଯେଉଁ ମହିଳାଙ୍କ ଫଟୋ ଦେଇଥିଲେ, ସେହି ପ୍ରୋଫାଇଲକୁ ଯାଞ୍ଚ କରାଯାଉଛି।

ସୂଚନା ଅନୁଯାୟୀ, ଏହି ଗହଣା ବ୍ୟବସାୟୀଙ୍କ ଫେସ୍‌ବୁକ ମାଧ୍ୟମରେ ସଂଜନା ଶ୍ରୀନିବାସନଙ୍କ ସହିତ ପରିଚୟ ହୋଇଥିଲା। ସଂଜନା ନିଜକୁ ହଂକଂରେ ଥିବା ଆଇବିଏମ୍‌ର ସଫଟଓୟାର ଡେଭଲପର୍ ? ବୋଲି ପରିଚୟ ଦେଇଥିଲା। ଜାପାନର ଏକ ଟ୍ରେଡିଂ କମ୍ପାନି 'ଜୈଫ୍' ମାଧ୍ୟମରେ କ୍ରିପ୍‌ଟୋ ମୁଦ୍ରାରେ ନିବେଶ କରିବାକୁ ବ୍ରହ୍ମପୁରର ଗହଣା ବ୍ୟବସାୟୀଙ୍କୁ ସେ ପରାମର୍ଶ ଦେଇଥିଲା। ଏଥିରେ ନିବେଶ କଲେ ଅଧିକ ଅର୍ଥ ରିଟର୍ନ ଲୋଭ ଦେଖାଇ ଗହଣା ବ୍ୟବସାୟୀଙ୍କୁ ଫସାଇଥିଲା। ଭାରତୀୟ ମୁଦ୍ରା ସିଧାସଳଖ ଜାପାନର ଏହି କମ୍ପାନିରେ ନିବେଶ କରିବା ସମ୍ଭବପର ହେଉନଥିବାରୁ ଭାରତୀୟ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା କରିବାକୁ ସଂଜନା କହିଥିଲା। ୨୦୨୪ ମେ ୨୩ରୁ ଜୁନ ୨୪ ଭିତରେ ୧୨ଟି ଭାରତୀୟ ବ୍ୟାଙ୍କ ଆକାଉଣ୍ଟ୍ ?ରେ ମୋଟ ୬ କୋଟି ୧୬ ଲକ୍ଷ ୩୭ ହଜାର ୮୪ ଟଙ୍କା ବ୍ୟବସାୟୀ ଜଣକ ଜମା କରିଥିଲେ। ତାଙ୍କୁ ଜାପାନର ଟ୍ରେଡିଂ କମ୍ପାନି 'ଜୈଫ୍'ରେ ବ୍ୟବହାରକାରୀ ନାଁ ଓ ପାସ୍‌ୱାଡ ଦିଆଯାଇଥିଲା।

Printed, Published, edited and owned by Ipsita Pati, published from Plot No-214/A, Sahid Nagar, Bhubaneswar, PIN- 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, PIN- 751014, Khurda, Odisha. email: pratishabda7@gmail.com
Editor- Ipsita Pati
ସମ୍ପାଦିକା: ଇପ୍‌ସିତା ପତି